76th YEAR

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

## The Prajatantra

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୮୨ ● କଟକ ● ମଙ୍ଗଳବାର ● ୩୦ ମଇ-୨୦୨୩ ● ବୃଷ ୧୪ ● ସାଲ୍ ୧୪୩୦

CUTTACK ● TUESDAY ● 30 MAY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା






# ୯ ବର୍ଷ ନବନିର୍ମାଣର, ଗରିବ କଲ୍ୟାଣର

## ଗରିବଙ୍କର ସେବା, ବଞ୍ଚିତଙ୍କର ସମ୍ମାନ

- ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାସନ
- ଗରିବଙ୍କର ମାନ ବଢ଼ାଯାଇଛି, ୩ କୋଟି ପରିବାରଙ୍କୁ ପକ୍କା ଆବାସ ଦିଆଯାଇଛି
- ୧୧.୭୨ କୋଟି ଶୌଚାଳୟର ନିର୍ମାଣ, ବଢ଼ିଛି ସୁରକ୍ଷା ଏବଂ ସ୍ୱାଭିମାନ
- ୧୨ କୋଟି ଘରେ ପହଞ୍ଚିଛି ନଳଦ୍ୱାରା ସ୍ୱଚ୍ଛ ଜଳ



## ନାରୀ ଶକ୍ତି, ଦେଶର ଉନ୍ନତି



- ମହିଳାମାନଙ୍କୁ ମିଳିଛି ଧୂଆଁରୁ ମୁକ୍ତି, ୯.୬ କୋଟିରୁ ଅଧିକ ଉଜ୍ଜ୍ୱଳା କନେକ୍ସନ
- ମହିଳାଙ୍କୁ ସମ୍ମାନ ମିଳିଲା, ସଶସ୍ତ୍ର ବାହିନୀରେ ସ୍ଥାନ ମିଳିଛି
- ୨୭ କୋଟିରୁ ଅଧିକ ମହିଳାଙ୍କୁ ମିଳିଛି ମୁଦ୍ରାର ଶକ୍ତି
- ପେଡ ମ୍ୟାଟରନିଟି ଲିଭ୍ ହୋଇଛି ୧୨ ରୁ ବୃଦ୍ଧି ପାଇ ୨୬ ସପ୍ତାହ

## ଯୁବ ଶକ୍ତିର ଆକାଂକ୍ଷା ଗୁଡ଼ିକର ପୂରଣ

- ଆଜି ଭାରତରେ ପ୍ରତ୍ୟେକ ଦିନ ୨ କଲେଜ ଏବଂ ପ୍ରତ୍ୟେକ ସପ୍ତାହରେ ଗୋଟିଏ ୟୁନିଭରସିଟି ସ୍ଥାପିତ
- ବିଗତ ୯ ବର୍ଷ ମଧ୍ୟରେ ଦେଶରେ ମେଡ଼ିକାଲ କଲେଜର ସଂଖ୍ୟା ୩୮୭ ରୁ ବୃଦ୍ଧି ପାଇ ୬୯୩ ହୋଇଛି
- ପିଏମ୍ କୌଶଳ ବିକାଶ ଯୋଜନା ଦ୍ୱାରା ୧.୩୭ କୋଟିରୁ ଅଧିକ ଯୁବକଙ୍କୁ ପ୍ରଶିକ୍ଷଣ
- ଭାରତ ହୋଇଛି ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ, ଦେଶରେ ଏବେ ୯୭,୦୦୦ ହଜାରୁ ଅଧିକ ଷ୍ଟାର୍ଟଅପ୍, ୧୦୦ ରୁ ଅଧିକ ୟୁନିକର୍ଣ୍ଣ



## ସୁନିଶ୍ଚିତ ହେଉଛି କୃଷକଙ୍କ କଲ୍ୟାଣ




- ପିଏମ୍ କିସାନ ଦ୍ୱାରା ୧୧ କୋଟିରୁ ଅଧିକ କୃଷକଙ୍କୁ ବର୍ଷରେ ୬ ହଜାର
- ୯ ବର୍ଷରେ କୃଷି ବଜେଟରେ ପ୍ରାୟ ୬ ଗୁଣା ବୃଦ୍ଧି
- ପିଏମ୍ ଫସଲ ବୀମା ଯୋଜନା ଦ୍ୱାରା ହୋଇଛି କୃଷକ ସାଥିମାନଙ୍କୁ ୧.୩୩ ଲକ୍ଷ କୋଟିର ପ୍ରଦାନ
- ନିମ କୋଟେଡ଼ ୟୁରିଆ, ସଏଲ୍ ହେଲ୍ଥ କାର୍ଡ଼, ସିଚାଇ ଯୋଜନା, ଇ ନାମ ଭଳି ଅନେକ ପଦକ୍ଷେପ କୃଷକଙ୍କର ଜୀବନ ସରଳ କରୁଛି

## ସମସ୍ତଙ୍କ ଲାଗି ସହଜ ଓ ଉତ୍ତମ ସ୍ୱାସ୍ଥ୍ୟସେବା

- ବିଗତ ୯ ବର୍ଷ ମଧ୍ୟରେ ଏମ୍ସର ସଂଖ୍ୟା ୮ରୁ ବୃଦ୍ଧି ପାଇ ୨୩ ହୋଇଛି
- ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ୫୦ କୋଟି ଲୋକଙ୍କୁ ବାର୍ଷିକ ୫ ଲକ୍ଷର ମାଗଣା ଚିକିତ୍ସାର ନିଶ୍ଚିତତା
- ଜନଔଷଧି କେନ୍ଦ୍ର ଗୁଡ଼ିକରେ ୫୦%ରୁ ୯୦% ପର୍ଯ୍ୟନ୍ତ ଶସ୍ତା ମୂଲ୍ୟରେ ଉତ୍ତମ ଔଷଧ ଉପଲବ୍ଧ, ଆବଶ୍ୟକ କରୁଥିବା ଏବେ ପର୍ଯ୍ୟନ୍ତ ୨୦ ହଜାର କୋଟି ଟଙ୍କା ସଞ୍ଚୟ



## ଆଧୁନିକ ଇନ୍‌ଫ୍ରାଷ୍ଟ୍ରକଚର, ହେଉଛି ଉତ୍ତମ



- ସମଗ୍ର ଦେଶରେ ୧୮ ସେମି ହାଇସ୍ପିଡ଼ ବନ୍ଦେ ଭାରତ ଟ୍ରେନ ଗୁଡ଼ିକର ପ୍ରାରମ୍ଭ
- ବିଗତ ୯ ବର୍ଷ ମଧ୍ୟରେ ବିମାନ ବନ୍ଦର ଗୁଡ଼ିକର ସଂଖ୍ୟା ହୋଇଛି ଦ୍ୱିଗୁଣ, ୭୪ ରୁ ବୃଦ୍ଧି ପାଇ ୧୪୮
- ମେଟ୍ରୋ ରେଳ ନେଟଓ୍ୱାର୍କ ୫ ସହରରୁ ବୃଦ୍ଧି ପାଇ ୨୦ ସହରରେ ପହଞ୍ଚିଛି
- ଦ୍ୱିଗୁଣ ଗତିରେ ୫୩ ହଜାର କିଲୋମିଟରରୁ ଅଧିକ ହାଇଓ୍ୱେର ହୋଇଛି ନିର୍ମାଣ
- ବିଗତ ୯ ବର୍ଷରେ ଗାଁ ଗୁଡ଼ିକୁ ଯୋଡ଼ିବା ଲାଗି ୩ ଲକ୍ଷ ୫୩ ହଜାର କିଲୋମିଟରରୁ ମଧ୍ୟ ଅଧିକ ସଡ଼କର ନିର୍ମାଣ

## ବିଶ୍ୱରେ ନିରନ୍ତର ବଢୁଛି ଦେଶର ନାମ

- ଭାରତର ମୋଟ୍ ରପ୍ତାନୀ ୭୫୦ ବିଲିୟନ ଡଲାର ଅତିକ୍ରମ
- ଭାରତର ଜି-୨୦ ଅଧ୍ୟକ୍ଷତା ବୈଶ୍ୱିକ ସମସ୍ୟାର ସମାଧାନକୁ ଦେଉଅଛି ନୂଆ ଦିଗ
- ଶତାବ୍ଦୀର ସବୁଠାରୁ ବଡ଼ ମହାମାରୀ ସମୟରେ ଭ୍ୟାକସିନ ମୈତ୍ରୀ ଦ୍ୱାରା ୧୦୦ ରୁ ଅଧିକ ଦେଶମାନଙ୍କୁ ପହଞ୍ଚାଯାଇଛି ଭ୍ୟାକସିନ
- ଆନ୍ତର୍ଜାତିକ ଯୋଗ ଦିବସ, ଆନ୍ତର୍ଜାତିକ ସୋଲାର ଆଲିଆନ୍ସ, ମିଶନ ଲାଇଫ, ଆନ୍ତର୍ଜାତୀୟ ମିଲେଟ୍ସ ବର୍ଷ ଭଳି ପଦକ୍ଷେପ ବିଶ୍ୱ ପଟଳରେ ଭାରତର ଅଗ୍ରଣୀ ଭୂମିକାକୁ ରେଖାଙ୍କିତ କରୁଛି



## ଐତିହ୍ୟ ଏବଂ ବିକାଶ



- ଅଯୋଧ୍ୟାରେ ହେଉଅଛି ଭବ୍ୟ ରାମମନ୍ଦିରର ନିର୍ମାଣ
- ସାଂସ୍କୃତିକ - ଆଧ୍ୟାତ୍ମିକ ସ୍ଥାପତ୍ୟ ଗୁଡ଼ିକର ପୁନଃନିର୍ମାଣ ଦ୍ୱାରା ଦେଶବାସୀଙ୍କର ଆସ୍ଥାକୁ ଶକ୍ତି
- ଭାରତକୁ ଅଣାଯାଇଛି ୨୩୦ ରୁ ଅଧିକ ଚୋରି ହୋଇଥିବା ଅମୂଲ୍ୟ କଳାକୃତି
- ଆଜି ଦେଶ ଗୋଲାମିର ପ୍ରତୀକରୁ ମୁକ୍ତି ପାଇ ବିକଶିତ ଭାରତର ସଂକଳ୍ପକୁ ମଜଭୁତ ପ୍ରଦାନ କରୁଛି

"ଆଜି ନୂଆ ଭାରତ, ନୂଆ ଲକ୍ଷ୍ୟ ସ୍ଥିର କରୁଅଛି, ନୂଆ ରାସ୍ତା ଗଢ଼ାଯାଉଅଛି। ନୂଆ ଉତ୍ସାହ ଆସିଛି, ନୂଆ ଉଦ୍ଦୀପନା ଆସିଛି। ନୂଆ ଅଭିଯାନ ଚାଲିଛି, ନୂଆ ଚିନ୍ତାଧାରା ରହିଛି। ନୂଆ ଦିଗ ରହିଛି, ଦୃଷ୍ଟି ନୂଆ ରହିଛି। ସଂକଳ୍ପ ନୂଆ ରହିଛି, ବିଶ୍ୱାସ ନୂଆ ରହିଛି।" – ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଅଧିକ ବିବରଣୀ ଲାଗି NaMo App କୁ ଯାଆନ୍ତୁ କିମ୍ବା QRCode କୁ ସ୍କାନ କରନ୍ତୁ

cbc 22201/13/0024/2324


cmyk

### ପିଡ଼ିଏସ୍ ଚାଉଳ ଆଣିବାକୁ ଯାଇ ମହିଳା ମୃତ

# ଅନାହାର ମୃତ୍ୟୁ ଅଭିଯୋଗ

ଚମ୍ପୁଆ, (ହି.ସ.): ଚମ୍ପୁଆ ବ୍ଲକରେ ଅସହାୟ ବୃଦ୍ଧଙ୍କ ଘରେ ପିଡିଏସ ଚାଉଳ ପହଂଚିବା ଯୋଜନା ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ପିଡ଼ିଏସ ଚାଉଳ ଆଣିବାକୁ ଯାଇ ସେଂଟରରେ ଟଳି ପଡିଲେ ମହିଳା। କ୍ଷୁଧା ତଥା ଅନାହାରରେ ଥିବାରୁ ଅକସ୍ମାତ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉ ଥିବାବେଳେ ଏହା ଏବେ ଚମ୍ପୁଆ ବ୍ଲକରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ, ରଙ୍ଗାମାଟିଆ ପଂଚାୟତର ଖାଦ୍ୟ ସୁରକ୍ଷା ଯୋଜନାରେ ଖାଦ୍ୟ ସାମଗ୍ରୀ ହୃଦୁରାମପୁର ଗ୍ରାମର ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠି ଦ୍ୱାରା ହୃଦୁରାମପୁର ଗ୍ରାମରେ ବଂଟା ଯାଉଥିବା ବେଳେ ସେହି ପଂଚାୟତର ରରୁଆଁଗୋଡ଼ା ଗ୍ରାମର ଯୋଗେଶ୍ୱର ନାଏକଙ୍କ ପତ୍ନୀ ବିଳାସ ନାଏକ (୬୦) ଆଜି ନିଜର ଖାଦ୍ୟ ସୁରକ୍ଷା ଯୋଜନାରୁ ମିଳୁଥିବା ଚାଉଳ ଆଣିବାକୁ ନିଜ ଗ୍ରାମରୁ ୭ କିଲୋମିଟର ଦୂର ହୃଦୁରାମପୁର ପଡିଏସ ସେଂଟରକୁ ଚାଲି ଚାଲି ଆସିଥିଲେ। ଏହି ପଂଚାୟତରେ ପିଡ଼ିଏସ ଚାଉଳ ବଣ୍ଟନରେ ବ୍ୟାପକ ଅନିୟମିତତା କରାଯାଉଥିବା ନେଇ ପୂର୍ବରୁ ବହୁ ଅଭିଯୋଗ ହୋଇ ଆସିଥିବାବେଳେ ଧାର୍ଯ୍ୟ ସମୟରେ ଚାଉଳ ମିଳି ପାରୁନଥିବାରୁ ବହୁ ଅସହାୟ ବୃଦ୍ଧ, ବୃଦ୍ଧା ଠିକ ସମୟରେ ଚାଉଳ ନ ପାଇ ଭୋକରେ ରହୁଥିବା ଅଭିଯୋଗ ହେଉଥିଲା। ଚଳିତ ମାସ ଚିରାଚରିତ ଢାଂଚାରେ ଗତ ତିନି ମାସର ଚାଉଳ ଦେବା ନେଇ ଯୋଜନା ରହିଥିବା ବେଳେ ଭୋକରେ ରରୁଆଁ ଗୋଡ଼ା ଗ୍ରାମର ମହିଳା ବିଳାସ ନାଏକ ଚାଲି ଚାଲି ୭ କିଲୋମିଟର ଦୂର ହୃଦୁରାମପୁର ଗ୍ରାମରେ ଥିବା ପିଡ଼ିଏସ ସେଂଟରକୁ ଆସିଥିଲେ। ଏଠାରେ ପ୍ରବଳ ଭିଡ଼ରେ ଚାଉଳ ନେବାପାଇଁ ଧାଡିରେ ଥିବାବେଳେ ହଠାତ ମୂର୍ଚ୍ଛା ଯାଇଥିଲେ। ଉପସ୍ଥିତ ଲୋକ ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବାକୁ ଯୋଜନା କରି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତେବେ ଆମ୍ବୁଲାନ୍ସ ପହଂଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ପରେ ପିଡ଼ିଏସ ସାମଗ୍ରୀ ବଂଟନ ଦାୟିତ୍ୱରେ ଥିବା ବ୍ୟକ୍ତି ଜଣକ ତରବରିଆ ଭାବେ ମହିଳାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଇଥିଲେହେଁ ଏହାକୁ ନେଇ ଏହି ପିଡ଼ିଏସ ସେଂଟରର ବ୍ୟାପକ ଅନିୟମିତତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଠିକ୍ ସମୟରେ ପିଡ଼ିଏସ ସାମଗ୍ରୀ ନ ଦେବା, ମାସମାସ ଧରି ହିତାଧିକାରୀଙ୍କୁ ପିଡ଼ିଏସ ସାମଗ୍ରୀରୁ ବଂଚିତ କରିବା ସହ ଅସହାୟ ବୃଦ୍ଧ, ବୃଦ୍ଧାଙ୍କ ଘରକୁ ପିଡ଼ିଏସ ସାମଗ୍ରୀ ପହଂଚାଇବା ପରି ଦାୟିତ୍ୱକୁ ଅଣଦେଖା କରିବାରୁ ଏପରି ଅଘଟଣ ଘଟି ଥିବାବେଳେ ଏବେ ଏହି ଘଟଣାକୁ ନେଇ ଚମ୍ପୁଆ ବ୍ଲକରେ ଯୋଗାଣ ବିଭାଗର ବିଶ୍ୱାସନିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବାଲ ମୁକୁନ୍ଦ କେନ୍ଦ୍ର ଦ୍ୱାରା କୃପାଳୁ ଶିଶୁ ସାହିତ୍ୟ ଆସର




ପାରଳାଖେମୁଣ୍ଡି,(ପିପିଏସ୍): ପ୍ରତିମାସର ଶେଷ ରବିବାର ଦିନ ବାଲ ମୁକୁନ୍ଦ କେନ୍ଦ୍ର ଉପସ୍ଥାପନା କରିଥିବା ‘ କୃପାଳୁ ଶିଶୁ ସାହିତ୍ୟ ଆସର ‘ ଭଣ୍ଡାରି ସାହି ଗୋଷ୍ଠୀ ହଲ୍ ଠାରେ ‘ ଆମ ଭାଷାର ପରିଚୟ ‘ ବିଷୟକୁ ନେଇ ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିରୂପେ ସ୍ଥାନୀୟ ଶ୍ରୀମତୀ ସଙ୍ଗୀତା ମହାରଣା ଏବଂ ଶିକ୍ଷକ ଅରବିନ୍ଦ ପଟ୍ଟନାୟକ ଯୋଗ ଦେଇ ଆଲୋଚନାରେ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ବିଷୟବସ୍ତୁକୁ ବୁଝାଇ ଆମ ମାତୃଭାଷାକୁ ନିର୍ଭୁଲ କହିବା, ପଢ଼ିବା ଓ ଲେଖିବା ସହ ସଂସ୍କାର ଯୁକ୍ତ ହୋଇ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଜାଣିବା ପାଇଁ ପ୍ରେରିତ କରାଯାଇଥିଲା । ଆମ ଭାଷାର ଶ୍ରେଷ୍ଠତ୍ୱକୁ ବୁଝି ଜ୍ଞାନ ଆରୋହଣ କଲେ ବିଶ୍ୱ ବିଜୟୀ ହେବାର ସମ୍ଭବନାକୁ କେହି ଏଡେଇ ପାରିବେ ନାହିଁ । ଶେଷରେ ସଂଯୋଗକ୍ରମେ ଆଜିର ଦିନରେ ଆମ ଭାରତର ନୂଆ ସଂସଦ ଭବନ ପ୍ରତିଷ୍ଠା ଅବସରରେ ରାଷ୍ଟ୍ରର ସତ୍ୟ, ଧର୍ମ ଓ ପବିତ୍ରତା ଏବଂ ଶିଶୁ ମାନଙ୍କର ମୌଳିକ ଅଧିକାର ଅକ୍ଷୁର୍ଣ୍ଣ ରହିବା ନିମନ୍ତେ ଜଗଦଗୁରୁ ଶ୍ରୀକୃପାଳୁ ମହାରାଜଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

# କଦମପଡା ଶିଶୁମନ୍ଦିରରେ ‘ପ୍ରତିଭା ସମ୍ମାନ’ ସମାରୋହ

ବଲାଙ୍ଗିର, (ହି.ସ.): ରବିବାର କଦମପଡାସ୍ଥିତ ସରସ୍ୱତୀ ଶିଶୁବିଦ୍ୟାଜ୍ଞାନ ମନ୍ଦିରରେ ପ୍ରତିଭା ସମ୍ମାନ ସମାରୋହ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ଯୋଗଦେଇ ଦଶମ ଶ୍ରେଣୀର ବିଜେତା ଶିଶୁ ଭାଇଭଉଣୀ(ଏ-୧)ଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ତଥା ଉଦବୋଧନ ଦେଇ ସେମାନଙ୍କର ଉଚ୍ଚ ଭବିଷ୍ୟତ ପାଇଁ ଶୁଭ ମନାସୀ ଥିଲେ । ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ସଫଳତା କଠିନ ପରିଶ୍ରମରେ ହିଁ ମିଳିଥାଏ । ବିଜେତା ଶିଶୁ ସୁଭେନ୍ଦୁ ବଗର୍ତୀଙ୍କ ପିତା ତଥା ଛାତ୍ର ଆସମାନ ବଗର୍ତୀଙ୍କ ପିତା ଛବିଳ ବଗର୍ତୀ ନିଜ ଶିଶୁର ସଫଳତା ପଛର କାରଣ ଯତ୍ କିଂଚିତ ଉପସ୍ଥାପନା କରିଥିଲେ । ଶେଷରେ ବିଦ୍ୟାମନ୍ଦିର ବିଭାଗର ପ୍ରମୁଖ ଗୁରୁଜୀ ସାଧୁରାମ ନାଏକ ସମସ୍ତ ଶିଶୁ ଛାତ୍ରଛାତ୍ରୀଙ୍କ ଶୁଭକାମନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଉପସଭାପତି ବୀରେନ୍ଦ୍ର ଧରୁଆ, କୋଷାଧକ୍ଷ ସତ୍ୟାନନ୍ଦ ଷଡଙ୍ଗୀ ତଥା ସଦସ୍ୟା ଭଗବତୀ ସେଠ ମଂଚାସୀନ ଥିଲେ ।

### ମିଶନ ଶକ୍ତିରେ ଫାଟ

# କାଫେ ଉଦ୍‌ଘାଟନ ପୂର୍ବରୁ ତାଲା ମାରିଲେ ପଡାବାସୀ





ପାଟଣାଗଡ (ପିପିଏସ୍): ପାଟଣାଗଡ ଏନଏସିର ୧୩ ନଂ ୱାର୍ଡରେ ମା ମାନଙ୍କ ବ୍ୟବହାର କରିବା ପାଇ ଏନଏସି ପକ୍ଷରୁ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା ଓ ସେହି ଗୃହରେ ବିଭିନ୍ନ ସମୟରେ ବୈଠକ କରିବା ପାଇ କୁହାଯାଇଥିଲା କିଂନ୍ତୁ ପରବର୍ତ୍ତୀ ସମୟରେ ଏନଏସି ପ୍ରଶାସନ ପକ୍ଷରୁ ସେଠାରେ ମିଶନ ଶକ୍ତି ଦ୍ୱାରା ଏକ ସୁନ୍ଦର କାଫେ କରିବା ପାଇ ବିଏଲସି ତରଫରୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀ କୁ କାଫେ ଚଲାଇବା ପାଇ ଅନୁମତି ପ୍ରଦାନ କରାଯାଇଥିଲା । ଅନୁମତି ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ କୁ ବିରୋଧ କରି ୧୩ନଂ ୱାଡର ବାସୀ ତରଫରୁ କାଫେକୁ ତାଲା ମାରି ଦେଇଥିବା ଦେଖିବାକୁ ମିଳିଛି। ପଡାବସୀ ଦାବୀ କରିଛନ୍ତି ଯେ ଆମ ଏଠାରେ ଆଦିମାତା ସ୍ୱୟଂ ସହାୟକ ଗୋଷ୍ଠୀ ଥାଇ ସୁଦ୍ଧା ଆମକୁ ନଦେଇ ଗ୍ରାମାଞ୍ଚଳରେ ଥିବା ଏକ ଗୋଷ୍ଠୀକୁ ଦେଇଥିବାରୁ ଆମେ ଏହାକୁ ବିରୋଧ କରି ତାଲା ମାରିଛୁ ବୋଲି ପଡାର ମହିଳା ମାନେ କହିଛନ୍ତି। ଏଠାରେ ପ୍ରକାଶ ଯେ ଆଜି ବିଧାୟକ ସରୋଜ ମେହେରଙ୍କ ଦ୍ୱାରା ଏହାକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା। ୧୩ନଂ ୱାଡର ମହିଳାମାନେ କାଫେ ସମ୍ମୁଖରେ ଉପସ୍ଥିତ ରହି ବିରୋଧ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି ପଡାର ରମା କୁମ୍ଭାର, ମୁକ୍ତା ଜାଲ, ସଙ୍ଗିତା ମହାନନ୍ଦ, ଗୁଲାପୀ କୁମ୍ଭାର, ମିନା ସୁନା,କୁଁଳା ନାଗ, ଅନିତା ମହାନନ୍ଦ ଲେଖା ନାଗ,ଚନ୍ଦକଳା ନାଗ, ଅରୁଣା ନାଗ ସମେତ ଶତାଧିକ ମହିଳା ଅଂଶ ଗ୍ରହଣ କରିଥିଲେ।

# ଜନସଂପର୍କ ଅଭିଯାନକୁ ତୀବ୍ର କରିବା ପାଇଁ ବିଜେପିର ସଂକଳ୍ପ



ରାଉରକେଲା, (ପିପିଏସ): ଇତି ମଧ୍ୟରେ ବିଜେପି ରାଉରକେଲା ଛେଣ୍ଡ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟ ମୁଖପାତ୍ର ଧିରେନ୍ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ବରିଷ୍ଠ ପ୍ରତିଷ୍ଠାତା ସଦସ୍ୟ ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ନୃସିଂହ ଜେନା, ଜିଲ୍ଲା ସମ୍ପାଦକ ପ୍ରବାଳ ବାରିକ, ପୂର୍ବତନ ମଣ୍ଡଳ ସଭାପତି ଭବାନୀ କବି, ବରିଷ୍ଠ ନେତା ଶଶୀଭୂଷଣ ପଟ୍ଟନାୟକ ଓ ରାଜେନ୍ଦ୍ର ରଥ ନିଜର ବକ୍ତବ୍ୟରେ ସଂଗଠନକୁ ଶକ୍ତିଶାଳୀ କରିବା, ଜନସଂପର୍କ ଅଭିଯାନକୁ ତୀବ୍ର କରିବା, ବୁଥ କମିଟିକୁ ସଶକ୍ତିଶାଳୀ କରିବା, ଆଦି ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଜୟ କଂସାରି, ରୋଶନ ସାହୁ, ଦୀପକ ତିୱାରୀ, କୈଳାଶ ରାଉତ, ଅବୋଧ ରାୟ ସେ, ଜେ.ବି.ପାତ୍ର, ସଞ୍ଜୀବ ମହାପାତ୍ର, କୃଷ୍ଣ ମିଶ୍ର, ବି.କେ. ପାଲ, ପ୍ରଦୀପ ମଣ୍ଡଳ, ଶରତ ସା, ରୋହିତ ସାହୁ, ଅଙ୍କିତ ତିୱାରୀ, ପ୍ରକାଶ ଥାପା, ଜ୍ଞାନ ମିଶ୍ର, ପ୍ରଦୀପ୍ତ କୁମାର ନାୟକ, ଜ୍ୟୋସ୍ନା ସାମଲ, ସବିତା ଶର୍ମା, ସୋନାଲି ନାୟକ, ଗୀତାଞ୍ଜଳୀ ପାତ୍ର, ରଞ୍ଜନା ଲାକ୍ରା, କୌଶଲ୍ୟା ସାହୁ, ସଂତୋଷିନି ସୋନାଙ୍କ ସମେତ ବହୁ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତରେ ଜଣାଇଛନ୍ତି।

# ରାଜତାରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ତିନି ଖୋଲିବା ପାଇଁ ସୁଯୋଗ ମିଳିଲା



ପାରଳାଖେମୁଣ୍ଡି, (ପିପିଏସ୍): କାଶୀନଗର ବ୍ଲକ ସିଧାମଡଙ୍ଗ ପଞ୍ଚାୟତ ସିଧାମଡଙ୍ଗଗ୍ରାମ ଠାରେ ୧୯୧୪ସ୍ଥାପିତ ରାଜତାରା ଉଚ୍ଚମାଧ୍ୟମିକ ବିଦ୍ୟାଳୟଟି ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା:୧୨୦୪/ ତା:୨୦.୦୫.୨୦୨୩ ରିଖ ଅନୁଯାଇ ୨୦୨୩-୨୪ ଶିକ୍ଷାବର୍ଷ ରେ ସ୍ନାତକ କଳା ଶ୍ରେଣୀ ପାଇଁ ୧୨୮ଜଣ ଛାତ୍ର/ଛାତ୍ରୀଙ୍କ ପ୍ରବେଶ ନିମନ୍ତେ ନୂତନ ଭାବେ ସୁଯୋଗ ସୃଷ୍ଟି କରାଯାଇଛି। ଏହା ଅବଗତି ପରେ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ଜନସାଧାରଣ ସମସ୍ତେ ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି। ଏହି ପରିବେଶଟି କିଛି ପଛୁଆ ବର୍ଗ , ଆଦିବାସୀ, ହରିଜନ, ଦିନ ମଜୁରିଆଙ୍କ ପରିବାର ରହନ୍ତି। ଏଣୁ ଏଭଳି ସ୍ଥିତିରେ ଯୁବଗୋଷ୍ଠୀ ଯଥେଷ୍ଟ ଶିକ୍ଷାସେବା ନିଶ୍ଚିତ ପାଇଁ ପାରିବେ ବୋଲି କଲେଜର ସମ୍ପାଦକ କେ. ଆରୁଲ୍ କୁମାର କହିଛନ୍ତି, ଏବଂ ରାଜ୍ୟ ସରକାରଙ୍କୁ ଅଜସ୍ର ଧନ୍ୟବାଦ ଜଣାଇଛନ୍ତି।

# କନ୍ଧମାଳ ଚିନ୍ତନ ସଂଗଠନର କର୍ମକର୍ତ୍ତା ଚୟନ

କନ୍ଧମାଳ, (ହି.ସ.): ଖଜୁରୀପଡା ବ୍ଲକ ଅନ୍ତର୍ଗତ ସମ୍ପେପଦର ଗ୍ରାମରେ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ନାମକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପାଧ୍ୟକ୍ଷ ତଥା ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ସାହାଣୀ ଅଧକତା କରିଥିଲେ। ସଂସ୍କାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ପ୍ରଧାନ ଗତ ୨ ବର୍ଷ ର ବିବରଣୀ ପାଠ କରିଥିଲେ। ଗତ ୨ ବର୍ଷ ମଧ୍ୟରେ ସଂଗଠନ ପକ୍ଷରୁ ଅନେକ ସମାଜ କଲ୍ୟାଣ କାର୍ଯ୍ୟକ୍ରମ କରାଯାଇଥିବା ସେ ଦର୍ଶାଇଥିଲେ। ସେଥି ମଧ୍ୟରେ ଏକ ମେଗା କୃଷକ ମେଳା, ଦଳପଡା ଓ ଘୋଡାଗାଡୁ ଗ୍ରାମରେ ବୃକ୍ଷ ରୋପଣ ସହିତ ପରିବେଶ ସୁରକ୍ଷା ସଚେତନ ସଭା, ଫୁଲବାଣୀରୁ କଳାଡ଼ି, ବଡଭୂଇଁ ଦେଇ ଲାଇନ ପଡା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ ଚଳା ଚଳ କରାଇବା, ଭାରତୀୟ ରେଡକ୍ରସ ସଂସ୍ଥା ପ୍ରଦତ ରିଲିଫ ସାମଗ୍ରୀ ୧୪ଟି କ୍ୟାମ୍ପ ଜରିଆରେ ବଂଟନ ଆଦି ଅନ୍ତର୍ଭୁତ। ଅତତବ୍ୟତୀତ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ଦାବି ସରକାର ଙ୍କ ଠାରେ ଉପସ୍ଥାପନ କରାଯାଇଛି । ସେଥିମଧ୍ୟରୁ ଜିଲାରେ ପର୍ଯ୍ୟଟନ ବିକାଶ, ଏକ ବୃହତ ପାର୍କ ନିର୍ମାଣ, ଜିଲାକୁ ଉଡାନ ଯୋଜନାରେ ସାମିଲ କରିବା, ଉଚ୍ଚଶିକ୍ଷା ଓ ପ୍ରାଥମିକ ଶିକ୍ଷା ର ଉର୍ନ୍ନତି, ଶିଳ୍ପ ପ୍ରତିଷ୍ଠା, କେନ୍ଦ୍ରୀୟ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଏହି ସଂଗଠନକୁ ରାଜ୍ୟ ସ୍ତରୀୟ କରିବା ଓ ରାଜ୍ୟ କାର୍ଯ୍ୟାଳୟ ସ୍ଥାପନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା।

# ପାରଳା ସହକାରୀ ବିହନ ଉତ୍ପାଦନ ଅଧିକାରୀଙ୍କ କାର୍ଯ୍ୟାଳୟର ଦୂରାବସ୍ଥା




ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସହକାରୀ ବିହନ ଉତ୍ପାଦନ ଅଧିକାରୀଙ୍କ କାର୍ଯ୍ୟାଳୟ ଟି ସମସ୍ୟା ଘେରରେ ରହିଥିବାର ଦେଖିବାକୁ ମିଳିଛି ।ଏହି କାର୍ଯ୍ୟାଳୟଟି ଲୁହା ଟିଣ ହୋଇ ଥିବାରୁ ଏହି ଭଳି ପ୍ରଚଣ୍ଡ ଖରାରେ କର୍ମଚାରୀ ମାନେ କାର୍ଯ୍ୟ ରତ ଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ୪୦ ସେଣ୍ଟିଗ୍ରେଡ ଉପରେ ତାପମାତ୍ରା ରହୁଥିବା ବେଳେ ଏହି ଟିଣ ଘରେ ବିଭାଗୀୟ କର୍ମଚାରୀ ମାନେ କାର୍ଯ୍ୟ ରତ ଅଛନ୍ତି। କାର୍ଯ୍ୟାଳୟରେ ସାଧାରଣ ମୌଳିକ ବ୍ୟବସ୍ଥା ନଥିବାର ବ୍ୟବସ୍ଥା ଜଣା ପଡ଼ିଛି। ଉତ୍ତାପରୁ ରକ୍ଷା ପାଇବା ପାଇଁ ସିଲିଙ୍ଗର ବ୍ୟବସ୍ଥା ମଧ୍ୟ ନାହିଁ ।କର୍ମଚାରୀଙ୍କ ସକାଶେ ଓ ଚାଷୀଙ୍କ ସକାଶେ ଆନୁସଙ୍ଗିକ ଆସବାବପତ୍ର ମଧ୍ୟ ନାହିଁ ।ଏହି କାର୍ଯ୍ୟାଳୟକୁ ଦୂରଦୂରାନ୍ତରୁ ଚାଷି, ଡିଲେର,ଲ୍ୟାମ୍ପ ସ୍ ମାନେ ଆସି ଥାନ୍ତି ।ସେମାନଙ୍କୁ ଆବଶ୍ୟକୀୟ ମୌଳିକ ସୁବିଧା ମଧ୍ୟ ପାଇ ପାରୁନାହାନ୍ତି ।ତେଣୁ ରାଜ୍ୟ ସରକାରଙ୍କ ଏଥିପ୍ରତି ଶୁଭ ଦୃଷ୍ଟି ପଡିଲେ ବିଭାଗୀୟ କର୍ତ୍ତୃପକ୍ଷ ଉପକୃତ ହେବା ସଙ୍ଗେ ସଙ୍ଗେ ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

# ଅନ୍ନପୂର୍ଣ୍ଣା ଯୋଜନା ଦ୍ୱାରା ନିଶୁଳ୍କ ମଧ୍ୟାହ୍ନ ଭୋଜନ ବଣ୍ଟନ


ବଲାଙ୍ଗୀର, (ହି.ସ.): ଗତ ରବିବାର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ସହଯୋଗ ଫାଉଣ୍ଡେସନ ପକ୍ଷରୁ ଅନ୍ନପୂର୍ଣ୍ଣା ଯୋଜନାରେ ନିଶୁଳ୍କ ମଧ୍ୟାହ୍ନ ଭୋଜନର କାର୍ଯକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଛି। ହସ୍ପିଟାଲ ରେ ଚିକିତ୍ସା ପାଉଥିବା ଅନ୍ତେବାସୀ ଓ ସେମାନଙ୍କ ପରିଜନ ମାନଙ୍କ ପାଇଁ ରବିବାର ରେ ମାଗଣା ଭୋଜନ ପାଇଁ ଆଜି ବାବୁଲାଲ ଅଗ୍ରୱାଲ ତାଙ୍କର ପୁତ୍ର ରିକେଶ ଅଗ୍ରୱାଲ ଙ୍କ ଜନ୍ମଦିନ ଉପଲକ୍ଷେ ଭାତ ଡାଲମା ଖଟା ଦହି ପାଣି ବ୍ୟବସ୍ଥାରେ ସହଯୋଗ କରିଥିଲେ। ସମାଜସେବୀ ତଥା ଜଣାଶୁଣା ସି ଏ ନରେନ୍ଦ୍ର ଜୈନ ଓ ବରିଷ୍ଠ ସାମ୍ବାଦିକ ବଲାଙ୍ଗିର ରେ ଓଡ଼ିଶା ଏକ୍ସପ୍ରେସ ଜିଲ୍ଲା ପ୍ରତିନିଧି ରାଜ୍ୟ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ଅତିଥି ଭାବରେ ଯୋଗଦେଇ ଥିଲେ। ଅତିଥିମାନଙ୍କୁ ସଂସ୍ଥା ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା।

# ଡୁମାଲ ସମାଜର ସାଙ୍ଗଠନିକ ସଭା



ବଲାଙ୍ଗିର, (ହି.ସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଅନ୍ତର୍ଗତ ଦଶପୁର ଗ୍ରାମ ଠାରେ ତା.୨୮.୦୫.୨୦୨୩ ରବିବାର ଦିନ ଦଶପୁର କେନ୍ଦ୍ର ଡୁମାଲ ସମାଜ ସଭାପତି ବିଧୂଭୂଷଣ ଡାଙ୍ଗଙ୍କ ଅଧକ୍ଷତାରେ ଏକ ସାଙ୍ଗଠନିକ ସଭା ପ୍ରାୟ ୨୨ ଖଣ୍ଡ ଗ୍ରାମର ଡୁମାଲ ସମ୍ପ୍ରଦାୟ ର ଭାଇମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ସଭାରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା ଯେ ଏକ ମାସ ମଧ୍ୟରେ ଡୁମାଲ ସମ୍ପ୍ରଦାୟର ସର୍ଭେ କରାଯାଇ ଡୁମାଲ ସମ୍ପ୍ରଦାୟ ର ଜନସଂଖ୍ୟା ଓ ଅନ୍ୟାନ୍ୟ ବିଷୟ ସବୁ ସଂଗ୍ରହ କରାଯିବ । ଏ ବିଷୟରେ ବିଷଦ ଭାବରେ ପଥର୍ଲା ଗ୍ରାମର ଟଙ୍କଧର ମେର୍ଲି, ଜଳଜଡ ଗ୍ରାମର ବଜରଙ୍ଗ ଅମାତ, କୁଣ୍ଡମାଳ ଗ୍ରାମର ସତ୍ୟବାଦୀ ପଧାନ ଏବଂ ଉତ୍ତର ବାହାଲ ଗ୍ରାମର ମୃତ୍ୟୁଞ୍ଜୟ ଅମାତ ଲୋକଙ୍କୁ ବୁଝାଇ ଥିଲେ। ସଭାରେ ବିଭିନ୍ନ ଗ୍ରାମର ସଭାପତି ବୃନ୍ଦ ଯଥା ଦଶପୁର ଗ୍ରାମରୁ ଅଚ୍ୟୁତାନନ୍ଦ ଡାଙ୍ଗ, ଅମାଠିମୁଣ୍ଡା ରୁ ବ୍ୟାସଦେବ ଦେହୁରୀ, କୁଟେନପାଲି ରୁ ରମେଶ ମହାକୁର, ବେହେରାପାଲି ରୁ ସାହେବ ଭୁଏ, କୁଣ୍ଡମାଳ ରୁ ଶଶିଭୂଷଣ ପଧାନ, କରନପାଲିରୁ ପରାଶର ଖମାରି, କୁରେଭନାରୁ କୁଲମଣି କର୍ମୀ, ଗଡାରମୁଣ୍ଡା ପ୍ରେମାନନ୍ଦ ଡାଙ୍ଗ, ତେଣ୍ଡିପୀ ରୁ ଦୁର୍ଗା ମହାକୁର ଇତ୍ୟାଦି ଏବଂ ହାଣ୍ଡି ବର୍ଗୀ ମଧ୍ୟରେ ବେହେରାପାଲି ରୁ କୌତୁକ ଡାଙ୍ଗ, କୁଟେନପାଲି ରୁ ସାଧୁ ଗାଇଗରିଆ, ଛତାପିପଲ ରୁ ଅନିରୁଦ୍ଧ କଲତା, ଜଳଜଡ ରୁ ହୀରାଲାଲ ଅମାତ, ପଥର୍ଲା ରୁ ଆଲ୍ହାଦ ମେର୍ଲି, ମହିମୁଣ୍ଡାରୁ ବିରଞ୍ଚି ମେଶ୍ରା, ଦଶପୁର ରୁ ବିବାନ ଥାଟି, କୁଣ୍ଡମାଳ ରୁ କବିଚନ୍ଦ୍ର ଡାଙ୍ଗ, ଜଳଜଡ ରୁ ଗୋବିନ୍ଦ ଚନ୍ଦ୍ର ପଧାନ, କରନପାଲି ରୁ ଇନ୍ଦ୍ର କରଣ, ପିତାମ୍ବର ମହାକୁର ଇତ୍ୟାଦି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଭା ଶେଷରେ ସର୍ବସମ୍ମିକ୍ରମେ ପ୍ରସ୍ତାବ ଗୃହୀତ ହେଲା ଯେ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାରେ ଗଣତାନ୍ତ୍ରିକ ପଦ୍ଧତିରେ ଡୁମାଲ ସମାଜର ଜିଲ୍ଲା ସଭାପତି ନିର୍ବାଚିତ ନ ହୋଇଛି ସେ ପର୍ଯ୍ୟନ୍ତ ଦଶପୁର କେନ୍ଦ୍ର ଡୁମାଲ ପରିଷଦ ଓଡିଶା ଅଧୀନରେ ସିଧାସଳଖ କାର୍ଯ୍ୟ କରିବ । ସଭା ଶେଷରେ ସଭାପତି ଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଗଲା ।

# ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ଖପ୍ରାଖୋଲ, (ପିପିଏସ) ବଲାଙ୍ଗୀର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଖପ୍ରାଖୋଲ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୬୬ ଟି ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗର ଶୁଣାଣି କରି ପୃଥକ ଭାବେ ଏବଂ ନିର୍ଦ୍ଧାରିତ ଦିନ ମଧ୍ୟରେ ଏଗୁଡ଼ିକର ସମାଧାନ କରି କାର୍ଯ୍ୟକାରୀ ରିପୋର୍ଟ ଦାଖଲ କରିବାକୁ ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଥିବା ପ୍ରତ୍ୟେକ ଜନଶୁଣାଣୀ ଶିବିରରେ ଅଭିଯୋଗ ଗ୍ରହଣ ହେଉଥିଲେ ମଧ୍ୟ ଦୀର୍ଘ ଦିନ ପର୍ଯ୍ୟନ୍ତ ଏଗୁଡ଼ିକର କୌଣସି ସମାଧାନ ହେଉ ନଥିବାରୁ ଏହା କେବଳ ଲୋକଦେଖାଣିଆ ବୋଲି ଉକ୍ତ ଜନଶୁଣାଣୀ ଶିବିରରେ ଲୋକେ ଆଲୋଚନା କରୁଥିବା ଦେଖା ଦେଇଛି । ଲୋକଙ୍କ କହିବା ଅନୁସାରେ ଜିଲ୍ଲାପାଳ ମହୋଦୟ ସମସ୍ତ ଅଭିଯୋଗର ପୁଙ୍ଖାନୁପୁଙ୍ଖ ଶୁଣାଣୀ କରି ସମାଧାନର ନିର୍ଦ୍ଦିଷ୍ଟ ଉପାୟ ସ୍ଥିରିକୃତ କରିବା ସହିତ ସମୟ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କେମିତି ବ୍ୟବସ୍ଥା କରାଯିବ ସେଦିଗରେ ଧ୍ୟାନ ଦେଲେ ଭଲ ହୁଅନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଅଛି କ୍ଷ ଶାରୀରିକ ଅକ୍ଷମତା ଥିବା ଲୋକଙ୍କୁ କିଛି ସାମଗ୍ରୀ ବଣ୍ଟନ କରାଯାଇଥିବା ବେଳେ ଆଜି ଖପ୍ରାଖୋଲ ର ବିଭିନ୍ନ ଜାଗାରେ ନୂତନ ଭାବରେ ତିଆରି ହୋଇଥିବା ପ୍ରକଳ୍ପ ଗୁଡିକ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଉଦ୍ଘାଟନ କରିଛନ୍ତି କ୍ଷ ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମରେ ମୃତ୍ତିକା ପରୀକ୍ଷଣ କେନ୍ଦ୍ରର ଉଦଘାଟନ କରିଥିବାବେଳେ ଲବଣଯୁକ୍ତ ଜମି ଫସଲ ଉତ୍ପାଦରେ ପରିପନ୍ଥୀ ଓ ବାଧକ, କୃଷକ ବନ୍ଧୁମାନେ କେଉଁ ଜମିରେ କେଉଁ କିସମର ଫସଲ ଚାଷ କଲେ ଲାଭବାନ ହେବେ ଓ ମୃତ୍ତିକାର ଗୁଣବତ୍ତା ଅକ୍ଷୁର୍ଣ ରହିବ ତାହା ଜାଣିବା ପାଇଁ ଚାଷୋପଯୋଗୀ ଜମିର ମୃତ୍ତିକା ପରୀକ୍ଷା ଅପରିହାର୍ଯ୍ୟ ବୋଲି କହିଥିଲେ କ୍ଷ ସେହିପରି ସଦର ଖପ୍ରାଖୋଲ ଠାରେ ମିଶନ ଶକ୍ତି ଦ୍ୱାରା ପରିଚୋଳିତ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଦ୍ୱାରା ନିର୍ମିତ ହରିଶଙ୍କର ଦର୍ଶନ ଅଗରବତୀ ଗୃହ ଉଦ୍ଘାଟନ କରିଥିଲେ କ୍ଷ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଡି ଖିଲାରୀ , ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂ, ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟା ନନ୍ଦ ସେଠୀ, ଖପ୍ରାଖୋଲ ଗୋଷ୍ଠୀଉନ୍ନୟନ ଅଧିକାରୀ ବିଜୟ ହୋତା, ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁଙ୍କ ସହ ବିଭିନ୍ନ ବିଭାଗର ଜିଲ୍ଲା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।

# ୮ମ ଦିନରେ ଦୁଲୁକିଲା ସୀତାପୁର ଗ୍ରାମର ଠାକୁରାଣୀ ଯାତ୍ରା



ପାରଳାଖେମୁଣ୍ଡି (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ନିକଟସ୍ଥ ବ୍ରାହ୍ମଣ ସୀତାପୁର ଗ୍ରାମରେ ଚାଲିଥିବା ଠାକୁରାଣୀ ଯାତ୍ରା ଆଜି ୮ମ ଦିନରେ ପଦାର୍ପଣ ହୋଇଛି । ଲୋକଙ୍କ ଭିଡ଼ ସାଙ୍ଗକୁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ଘନଘନ ବାହାରୁଥିବା ବେଶ ପଟୁଆର ଲୋକଙ୍କୁ ରାତ୍ରିର ଶେଷ ପ୍ରହର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଭିଷଣ ଗରମ ସାଙ୍ଗକୁ ଗୁଳିଗୁଳି ପବନ ଅସହ୍ୟ ହେଉଥିଲେ ମଧ ଜନତାଙ୍କ ଉପରେ କୌଣସି ପ୍ରଭାବ ନଥିବା ଦେଖିବାକୁ ମିଳିଥିଲା । ମାନସିକଧାରୀ ଭକ୍ତମାନେ ବିଭିନ୍ନ ବେଶରେ ସଜାଇ ହୋଇ ଲୋକଙ୍କ ମନୋରଞ୍ଜନ କରୁଥିଲେ । ଦିନ ତ ଦିନ ରାତିରେ ମଧ୍ୟ ବହୁତ ବେଶ ବାହାରିଥିଲା । ସଂଧ୍ୟା ରେ ତିନି ଠାକୁରାଣୀ ଗ୍ରାମ ପରିକ୍ରମା କରିବା ସମୟରେ ଗଞ୍ଜାମ ର ବାଲିଯୋଡିରୁ ଆସିଥିବା କଳାକାର ମାନେ ପଟୁଆର ଆଗରେ ନବଦୁର୍ଗା, ତାଡ଼କା ବଦ୍ଧ, ଶଉରା ଶଉରୁଣୀ ଆଦି ବେଶରେ ବଡ଼ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ ଯାହା ଦେଖିବାକୁ ଜବରଦସ୍ତ ଭିଡ଼ ହୋଇଥିଲା । ରାତିରେ ନିଳାଚଳ ମିଶ୍ରଙ୍କ ନିର୍ଦ୍ଦେଶିତ ଭାରତ ଲୀଳା ଅନୁଷ୍ଠିତ ହୋଇଥିବା ବେଳେ ଆଗକୁ ଆଉ ୨ ଦିନ ଯାତ୍ରା ବାକିଅଛି ଏବଂ ଆଗକୁ ଅଧିକ ଭିଡ଼ ହେବ ବୋଲି ଜଣାପଡୁଛି । ପରିଚାଳନା କମିଟିର ସଭାପତି ମହେନ୍ଦ୍ର ବରାଡ଼ , ସଂପାଦକ ଜଗନ୍ନାଥ , କୋଷାଧକ୍ଷ ମନରଞ୍ଜନ ପଣ୍ଡା ଙ୍କ ସହ ସନ୍ତୋଷ ପଣ୍ଡା , ସରୋଜ ପଣ୍ଡା , ମନୋଜ ପଣ୍ଡା , ଶିବାନନ୍ଦ ପଣ୍ଡା , ଜଗଦୀଶ ପଣ୍ଡା , ଶିଶିର ପଣ୍ଡା , ଶ୍ରୀକାନ୍ତ ଭୂକ୍ତା , କାହ୍ନା ଭୂକ୍ତା , ସନ୍ତୋଷ ଭୂକ୍ତା , ଭିକାରୀ ଆପଟ , ପ୍ରସାନ୍ତ ବରାଡ଼ , ସୁଜିତ ଆଦି ଗାଁର ଯୁବକ ଗୋଷ୍ଠୀ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସାହାଯ୍ୟ କରୁଥିବା ବେଳେ ଯାତ୍ରାକୁ ବହୁତ ସୁନ୍ଦର ପରିଚାଳିତ କରୁଥିବା ଦେଖିବାକୁ ମିଳିଛି ।

ସ୍ଥିର ଲକ୍ଷ୍ୟ, ନିଷ୍ଠାବାନ ନେତୃତ୍ୱ ଓ ପରିଶ୍ରମୀ କର୍ମୀ ଏତିକି ଉପାଦାନର ସମାବେଶରେ ଭାରତର ଜନତା ଯେ ଅସାଧ୍ୟ ସାଧନ କରିପାରନ୍ତି ତାହା ବାରମ୍ବାର ପ୍ରମାଣିତ ହୋଇଛି ।

(ଗାଁ ମଜଲିସ, ୭ମ ଖଣ୍ଡ, ପୃଷ୍ଠା-୨)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୩୦।୦୫।୨୦୨୩ ମଙ୍ଗଳବାର

# ଗଣତନ୍ତ୍ରର ନୂଆ ପ୍ରତୀକ

ଦେଶକୁ ନୂଆ ସଂସଦ ଭବନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ଆନୁଷ୍ଠାନିକ ଭାବେ ତାହାକୁ ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ଗଣତାନ୍ତ୍ରିକ ଇତିହାସରେ ନିଶ୍ଚିତଭାବେ ଏକ ଐତିହାସିକ ମୁହୂର୍ତ୍ତ। ଅବଶ୍ୟ ପୁରାତନ ସଂସଦ ଭବନର ନିଜସ୍ୱ ମହତ୍ତ୍ୱ ରହିଛି ଓ ରହିବ ମଧ୍ୟ। ତାହା ଦେଶର ଗଣତାନ୍ତ୍ରିକ ଯାତ୍ରାର ସଂଘର୍ଷପୂର୍ଣ୍ଣ ଓ ଆହ୍ୱାନଭରା ଘଟଣାରେ କେବଳ ନୁହେଁ, ଗୌରବାବହ ମୁହୂର୍ତ୍ତ ଗୁଡ଼ିକର ମଧ୍ୟ ସାକ୍ଷୀ ରହିଛି। ସ୍ୱାଧୀନତା ଲାଭ କଲାପରେ ପ୍ରଥମ ସରକାରର ଗଠନ ଓ ତାହାର କାର୍ଯ୍ୟାବଳୀ ହେଉ କି ଏମର୍ଜେନ୍ସୀ ଭାବେ ଗଣତନ୍ତ୍ର ଉପରେ ପ୍ରଥମ ବଡ଼ ଆଘାତ କି ସେ ଆଘାତକୁ ବିଫଳ କରିଥିବା ଜନାଦେଶ- ଆମେ ପ୍ରତ୍ୟେକ ଆହ୍ୱାନରୁ ଆହୁରି ସୁଦୃଢ଼ ହୋଇ ଆଗକୁ ବଢ଼ିଛନ୍ତି ଓ ଆମର ସଂସଦ ଭବନ ଆମର ଗଣତାନ୍ତ୍ରିକ ଆଭାକୁ ଆହୁରି ଉଜ୍ଜ୍ୱଳ କରି ଆସିଛି। କିନ୍ତୁ ପ୍ରତ୍ୟେକ ସମାଜ ଓ ରାଷ୍ଟ୍ର, ନୂଆ ଓ ପୁରୁଣାର ଅନବରତ ମିଶ୍ରଣ ଦ୍ୱାରା ହିଁ ଆଗକୁ ବଢ଼ିଥାଏ। ପ୍ରାୟ ଏକଶହ ବର୍ଷ ହେଲା ମରାମତି ଓ ବିସ୍ତାର ଦ୍ୱାରା କାମ ଚଳାଇ ନିଆଯାଉଥିଲା। କିନ୍ତୁ ଧୀରେ ଧୀରେ ଏ କଥା ମଧ୍ୟ ସ୍ପଷ୍ଟ ହୋଇ ଯାଇଥିଲା ଯେ ନୂଆ ସଦନର ଆବଶ୍ୟକତା ଅଛି। ସେ ଦୃଷ୍ଟିରୁ କୋଭିଡ୍ ଭଳି ପ୍ରତିକୂଳ ପରିସ୍ଥିତିରେ ଭିତରେ ଯେତେ କମ୍ ସମୟରେ ଯେପରି ନୂଆ ସଂସଦ ଭବନ ନିର୍ମାଣ କରାଯାଇ ପାରିଛି, ତାହା ନିଶ୍ଚିତଭାବେ ପ୍ରଶଂସାର ବିଷୟ।

ତେବେ, ଏହାର ନିର୍ମାଣ ନେଇ ଆରମ୍ଭରୁ ଅସହମତି ରହି ଆସିଛି, କିନ୍ତୁ ଏକ ଜୀବନ୍ତ ଗଣତନ୍ତ୍ରରେ ଏହା କିଛି ନୂଆ କି ଅନନ୍ୟ ନୁହେଁ। ଉଦ୍‌ଘାଟନ ସମାରୋହକୁ ନେଇ ଅନେକ ପ୍ରଶ୍ନ, ଭିନ୍ନ ଭିନ୍ନ ମତ ଓ ଟିପ୍ପଣୀ ମଧ୍ୟ ଶୁଣିବାକୁ ମିଳିଛି ଓ ଆଗକୁ କୁହାଯିବ ମଧ୍ୟ। ତାହା ଏକ ସୁସ୍ଥ ଗଣତନ୍ତ୍ରର ନିଦର୍ଶନ ବୋଲି କୁହାଯାଇପାରେ। କିନ୍ତୁ ଏ ପ୍ରକାର ମହତ୍ତ୍ୱପୂର୍ଣ୍ଣ ସମୟରେ ବିପକ୍ଷର ଉପସ୍ଥିତି ନାମମାତ୍ର ଥିଲା।, ପ୍ରାୟ ସମଗ୍ର ବିରୋଧୀ ପକ୍ଷ ନୂଆ ସଂସଦ ଭବନ ଉଦ୍‌ଘାଟନ ସମାରୋହର ବହିଷ୍କାର କରିଛି। ଏ ବହିଷ୍କାରର କାରଣ ସହମତି- ଅସହମତି ହୋଇପାରେ, କିନ୍ତୁ ବଡ଼ କଥା ହେଉଛି ବିବାଦର ସମାଧାନ ଲାଗି କୌଣସି ପ୍ରକାରର ଉଦ୍ୟମ କୌଣସି ପକ୍ଷ ତରଫରୁ ହୋଇଥିବା ଦେଖିବାକୁ ମିଳିଲା ନାହିଁ। ଭାରତୀୟ ଗଣତନ୍ତ୍ରର ବିଶେଷତ୍ୱ ହେଉଛି ଅନେକ ମତଭେଦ ଓ ମତପାର୍ଥକ୍ୟ ସତ୍ତ୍ୱେ ଆମର ରାଜନୈତିକ ନେତୃତ୍ୱ ଆବଶ୍ୟକ ପଡ଼ିଲେ ତା'ଠାରୁ ଉର୍ଦ୍ଧ୍ୱକୁ ଉଠିବାର କ୍ଷମତା ପୋଷଣ କରିଥାନ୍ତି। ଏପରି ଅନେକ ସମୟ ଅଛି ଯେବେ ବିଶ୍ୱ ଆଗରେ ଆମର ଗଣତନ୍ତ୍ର ବିପକ୍ଷହୀନ ଚେହେରା ଦେଖିଛି। ଅବଶ୍ୟ ସକରାତ୍ମକ ଦିଗଟି ହେଉଛି ଯେଉଁ ଚିତ୍ର ଦୁନିଆ ସାମନାକୁ ଯାଇଛି ତାହା ବାସ୍ତବ ନୁହେଁ। ଉଦ୍‌ଘାଟନ ସମାରୋହରେ ଯଦିଓ ବିରୋଧୀପକ୍ଷ ଦେଖିବାକୁ ମିଳିଲେ ନାହିଁ, ତଥାପି ଦେଶରେ ତାଙ୍କର ଉପସ୍ଥିତିକୁ ଅସ୍ୱୀକାର କରିହେବ ନାହିଁ। ଏମିତି ଦେଖିବାକୁ ଗଲେ, ଉଦ୍‌ଘାଟନ ଉତ୍ସବରେ ତାଙ୍କର ଅନୁପସ୍ଥିତି ପ୍ରକାରାନ୍ତରେ ସେମାନଙ୍କ ବିରୋଧକୁ ହିଁ ରେଖାଙ୍କିତ କରୁଛି।

ଗଣତନ୍ତ୍ରରେ ବିରୋଧୀ ପକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ କାରଣ ସରକାର ଯଦି କୌଣସି ନୀତି ନିର୍ଦ୍ଧାରଣ କରନ୍ତି, ତେବେ ଦେଶର ନାଗରିକଙ୍କର ପ୍ରତ୍ୟେକ ବର୍ଗଙ୍କ ହିତ ସୁନିଶ୍ଚିତ କରିବାକୁ ହୋଇଥାଏ। ତେଣୁ ପ୍ରତ୍ୟେକ ନିର୍ଣ୍ଣୟରେ ବିରୋଧୀମତକୁ ଶୁଣିବା ହେଉଛି ଗଣତନ୍ତ୍ରର ବିଶେଷତ୍ୱ। କିନ୍ତୁ ଏବେ ଦେଖାଯାଉଛି ବିରୋଧୀ ପକ୍ଷ ଯଦି ସରକାରଙ୍କ କଥାରେ ଏକମତ ହେଉ ନାହାନ୍ତି ତେବେ ଉଭୟଙ୍କ ମଧ୍ୟରେ ଦୂରତା ବଢୁଛି, ବହିଷ୍କାର ପର୍ଯ୍ୟନ୍ତ କଥାଯାଉଛି। ପ୍ରତ୍ୟେକ ପ୍ରସଙ୍ଗରେ ଏ ପ୍ରକାର ଦୂରତ୍ୱ ରଖିବା ଦ୍ୱାରା ବିରୋଧୀ ପକ୍ଷ ଲୋକଙ୍କର କିଛି ମଙ୍ଗଳ କରୁଛନ୍ତି କି? ନୀତି ଆୟୋଗ ବୈଠକରେ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେଲେ ନାହିଁ। ଭାଜପାର କାର୍ଯ୍ୟଶୈଳୀକୁ ନେଇ ବିପକ୍ଷର ଆପତ୍ତି ଥାଇପାରେ କିନ୍ତୁ ନୀତିଆୟୋଗରେ ତ ଦେଶହିତ, ବିକାଶର କଥା ହୋଇଛି। ଇନ୍‌ଫ୍ରାଷ୍ଟ୍ରକ୍‌ଚର, ପୁଞ୍ଜିନିବେଶ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପୋଷଣ ଆଦି ନେଇ ତ ଚର୍ଚ୍ଚା ହୋଇଛି। ସେଠି ଉପସ୍ଥିତ ନହେବା ଦ୍ୱାରା ଏ ପ୍ରକାର ପ୍ରସଙ୍ଗରୁ ଦୂରେଇ ରହିବା ଭଳି ଜଣାଗଲା। ସ୍ମରଣ ରଖିବା ଦରକାର ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସକ ପକ୍ଷର ପ୍ରତିନିଧିତ୍ୱ ସରକାରରେ ଥିବାବେଳେ ବିରୋଧୀ ପକ୍ଷର ଆବଶ୍ୟକତା ମଧ୍ୟ ଜରୁରୀ। ଯଦି ଜନହିତ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗରେ ସବୁଦଳ ଅଂଶ ଗ୍ରହଣ କରୁଛନ୍ତି ତେବେ ତାହା ଅଧିକ ସଫଳକାମ ହୋଇଥାଏ। ପ୍ରତ୍ୟେକ ପ୍ରସଙ୍ଗରେ କଳିତକରାଳ କରିବା ଗଣତନ୍ତ୍ରରେ ଶୋଭା ପାଏନାହିଁ। ❒❒

—ଭର୍ତ୍ତୃହରି ମହତାବ

# ଗଙ୍ଗା ଦଶହରା

ହିମାଳୟର ଗୋମୁଖ ପର୍ବତର ବାହାରି ବଙ୍ଗରେ ଗଙ୍ଗା ସାଗର ପର୍ଯ୍ୟନ୍ତ ବ୍ୟାପୀ ଥିବା ଗଙ୍ଗା ନଦୀ ଭାରତର ଜୀବନ ଧାରା ଭାବେ ପରିବ୍ୟାପ୍ତ। ବିରାଟ ଭୂଭାଗରେ ଜଳ ସିଞ୍ଚନ କରି ଅନ୍ନର ବିଶାଳ ଭଣ୍ଡାର ଯୋଗଇ ଦେବାରେ ସହାୟକ ହୋଇଥିବା ଏହି ନଦୀ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଦେବୀ ସମାନ ପୂଜନୀୟା। ଧର୍ମପ୍ରାଣ ଭାରତୀୟ ସମାଜ ଯୁଗ ଯୁଗ ଧରି ଦେବୀ ଗଙ୍ଗାଙ୍କୁ ଶ୍ରଦ୍ଧା ଏବଂ ଆସ୍ଥାର ଆଧାର ଭାବେ ବିବେଚନା କରି ପୂଜି ଆସିଛି । ଗଙ୍ଗାତଟରେ ଗଢ଼ି ଉଠିଥିବା ନଗର, ମହାନଗର ଏବଂ ଜନବସତି ଗୁଡ଼ିକର ସମୃଦ୍ଧତା ଦେଖିଲେ ଏହି ମହାନ ନଦୀର ମହାନତା ଏବଂ ମାନବ ସମାଜ ପ୍ରତି ଏହାର ଯୋଗଦାନ ସ୍ପଷ୍ଟ ଭାବେ ପ୍ରତୀୟମାନ ହୋଇଥାଏ। ଅବତରଣ ସମୟ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେବୀ ଗଙ୍ଗାଙ୍କ ବୃତ୍ତାନ୍ତ ସଂଘର୍ଷପୂର୍ଣ୍ଣ। ପୌରାଣିକ କଥାନୁଯାୟୀ, କପିଳ ମୁନିଙ୍କ କୋପଦୃଷ୍ଟିରେ ଭସ୍ମ ହୋଇଯାଇଥିବା ନିଜ ୬୦ ହଜାର ବଂଶଧରଙ୍କ ମୁକ୍ତି ନିମନ୍ତେ କଠୋର ତପ କରି ଭଗୀରଥ ଦେବୀ ଗଙ୍ଗାଙ୍କୁ ସ୍ୱର୍ଗରୁ ପୃଥିବୀକୁ ଆଣି ପାରିଥିଲେ। ହେଲେ ଗଙ୍ଗା ଦେବୀ ପୃଥିବୀରେ ଖସିବା ସମୟରେ ତାଙ୍କ ବେଗ କିଏ ସମ୍ଭାଳିବ, ତାହା ଏକ ସମସ୍ୟା ଭାବେ ଉଭା ହେଲା । ଏହାପରେ ଭଗୀରଥ ଭଗବାନ ଶିବଙ୍କୁ ତପସ୍ୟା କରି ପ୍ରସନ୍ନ କଲେ ଏବଂ ତାଙ୍କୁ ଗଙ୍ଗା ଦେବୀଙ୍କ ପ୍ରଖର ବେଗ ସମ୍ଭାଳିବା ଲାଗି ରାଜି କରାଇଥିଲେ। ଶିବଙ୍କ ଜଟାରେ ରହିବା ପରେ ଗଙ୍ଗା ଦେବୀ ବାହାରକୁ ବାହାରିବାର ବାଟ ପାଇଲେ ନାହିଁ। ଭଗୀରଥ ପୁନର୍ବାର ଶିବଙ୍କ ଆରାଧନା କଲେ। ପ୍ରସନ୍ନ ହୋଇ ମହାଦେବ ନିଜ ଜଟାରୁ ଗଙ୍ଗାଙ୍କୁ ମୁକ୍ତ କଲେ। ଗଙ୍ଗା ଦେବୀ ଜଟାରୁ ମୁକ୍ତ ହୋଇ 'ବିନ୍ଦୁସର ସରୋବ'ରେ ପ୍ରଥମେ ପଦାର୍ପଣ କଲେ । ଏହି ସରୋବର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏହି ଠାରେ ଗଙ୍ଗା ଦେବୀ ସାତଟି ଧାରାରେ ପୃଥିବୀପୃଷ୍ଠରେ ବହୁ ଭୂଖଣ୍ଡକୁ ପବିତ୍ର କରିଥିଲେ । ଯେଉଁଦିନ ଗଙ୍ଗା ଦେବୀ ଭୂପୃଷ୍ଠରେ ଅବତରଣ କରିଥିଲେ ସେଦିନ ଥିଲା ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦଶମୀ ତିଥି । ହେଲେ ଗଙ୍ଗା ଦେବୀଙ୍କ ସାତଟି ଧାରା ଆଉ ଏକ ସମସ୍ୟା ସୃଷ୍ଟି କଲା। ଗଙ୍ଗାଙ୍କ ପ୍ରବାହ ମାର୍ଗରେ ମହର୍ଷି ଜହ୍ନୁଙ୍କ ଆଶ୍ରମ ଥିଲା । ଗଙ୍ଗା ଦେବୀଙ୍କ ସ୍ରୋତରେ ଜହ୍ନୁଙ୍କ ତପସ୍ୟା ଭଙ୍ଗ ହେଲା। ସେ ଗଙ୍ଗାଙ୍କୁ ସମ୍ପୂର୍ଣ୍ଣ ଗିଳିଥିଲେ। ଭଗୀରଥ ପୁଣି ଥରେ ଜହ୍ନୁ ଋଷିଙ୍କୁ ତପସ୍ୟା କରିବାକୁ ସେ ତାଙ୍କ ଜଙ୍ଘ ଦେଇ ଗଙ୍ଗାଙ୍କୁ ଛାଡ଼ି ଦେଲେ। ସେହିଦିନ ଠାରୁ ଦେବୀ ଗଙ୍ଗା ଜାହ୍ନବୀ ନାମରେ ଖ୍ୟାତ ହେଲେ। ଦେବୀ ଗଙ୍ଗାଙ୍କୁ ଭଗୀରଥ ପୃଥିବୀପୃଷ୍ଠକୁ ଆଣିଥିବାରୁ ସେ ଭଗୀରଥୀ ନାମରେ ମଧ୍ୟ ପ୍ରସିଦ୍ଧ ହେଲେ । ସ୍ୱର୍ଗରୁ ଦେବୀ ଗଙ୍ଗାଙ୍କ ପୃଥିବୀ ଆଗମନ ଦିନକୁ ସ୍ମରଣ କରିବା ଲାଗି ଗଙ୍ଗା ଦଶହରା ପର୍ବ ପାଳନ କରାଯାଇଥାଏ । ଏହି ଦିନରେ ଦେବୀ ଗଙ୍ଗାଙ୍କ ପୂଜାର୍ଚ୍ଚନା କରାଯାଇଥାଏ ।

ଡ଼ଃ.ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ:୯୯୩୭୧୭୨୮୧୦

# ଡାକ ବ୍ୟାଙ୍କିଙ୍ଗ ସେବା ଓ ଗ୍ରାମାଞ୍ଚଳରେ ଭତ୍ତା ବଣ୍ଟନ

**ପ୍ରଦୋଷ କୁମାର ଦାସ**

ଆମ ଦେଶର ରେଳ ବିଭାଗ ଭଳି ଆମ ଦେଶର ସର୍ବ ପୁରାତନ ଭାରତୀୟ ଡାକ ବିଭାଗର ନିରନ୍ତର ଡାକ ସେବା ଏବେ ମଧ୍ୟ ଅପ୍ରତିହତ ଓ ଅପ୍ରମିତ। ଏହାର ସମସ୍ତ ସେବା ପ୍ରତି ଡାକ ସେବା ସହିତ ସମୟକୁ ତାଳ ଦେବା ଭଳି ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ସେବା ବିଶେଷ କରି ଗ୍ରାମାଞ୍ଚଳରେ ରହିଥିବା ବ୍ୟାଙ୍କ୍ ଅପହଞ୍ଚ ଅଞ୍ଚଳରେ ସାଧାରଣରେ ବିଶେଷ ପ୍ରଣିଧାନଯୋଗ୍ୟ ସେବା ଆହ୍ୱାନ କରାଇଥାଏ। ଏବେ ସାମ୍ପ୍ରତିକ ସ୍ଥିତିରେ ଡାକ ବ୍ୟାଙ୍କିଙ୍ଗ ମାଧ୍ୟମରେ ଭତ୍ତା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଜରୁରୀ। ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଙ୍କ ଅପହଞ୍ଚ ଅଞ୍ଚଳରେ ରହୁଥିବା ଅସହାୟ ହିତାଧିକାରୀଙ୍କୁ ବିକଳ୍ପ ବ୍ୟାଙ୍କ ଜରିଆରେ ଆପଣା ଭତ୍ତା ରାଶିକୁ ସହଜରେ ପାଇବାକୁ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ମାଧ୍ୟମକୁ ଆପଣାଇବାକୁ ଚିନ୍ତା କରିବାକୁ ଅବକାଶ ଆସିଛି।

ସାମାଜିକ ନ୍ୟାୟ ଓ ଆର୍ଥିକ ସଶକ୍ତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ଅନଗ୍ରସର, ଭିନ୍ନକ୍ଷମ, ବିଧବା, ବାର୍ଦ୍ଧକ୍ୟ ଜନିତ ଅସହାୟ ଗରିବ ଲୋକଙ୍କ ପାଇଁ ଆର୍ଥିକ ସହଯୋଗ ରାଶି ବିଭିନ୍ନ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇ ଦେଇଥାନ୍ତି। ପୂର୍ବରୁ ଉପରୋକ୍ତ ଆର୍ଥିକ ଦେଣନେଣ ତଥା କାରବାର ନିମନ୍ତେ ପଞ୍ଚାୟତ ଜରିଆରେ ସିଧାସଳଖ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଓ ପ୍ରଦାନ କରାଯାଉଥିଲା। ହିତାଧିକାରୀଙ୍କ ଅନୁପସ୍ଥିତିରେ ସେମାନଙ୍କୁ ସେମାନଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ମଧ୍ୟ ଉପରୋକ୍ତ ଆର୍ଥିକ ସହାୟତା ରାଶି ପହଞ୍ଚାଇ ଦେବାପାଇଁ ତାଳିପକା କାର୍ଯ୍ୟ ହେଉଥିଲା। ହେଲେ ରାଜନୈତିକ ତଥା ମଧ୍ୟସ୍ଥିଙ୍କ ସଲାସୁତରାରେ ଅନେକ ସ୍ଥାନ କାଳପାତ୍ର ବିଶେଷରେ ବହୁ ଆର୍ଥିକ ଘୋଟାଲା ଓ ଅନୀୟମିତା ହେବା ସହ ବାଞ୍ଛିତ ସରକାରୀ ସହାୟତାଟି ଅନେକ ଅସହାୟ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇପାରୁ ନଥିଲା। ସୁଖର ବିଷୟ ବ୍ୟାଙ୍କ ଜରିଆରେ ତଥା ଡିଜିଟାଲ ଟିପ ଚିହ୍ନ ଚିନ୍‌ହଟ ପ୍ରକ୍ରିୟା ରେ ହିତାଧିକାରୀଙ୍କ ଖାତାକୁ ସେମାନଙ୍କ ଭତ୍ତା ବ୍ୟାଙ୍କିଙ୍ଗ ସ୍ଥାନାନ୍ତରଣ ହେଲା। ଏହି ପ୍ରକ୍ରିୟାକୁ ଅନେକାଂଶରେ ସ୍ୱାଗତ କରାଗଲେ ମଧ୍ୟ ଗ୍ରାମାଞ୍ଚଳ ବହୁଳ ଆମ ରାଜ୍ୟ ଓଡ଼ିଶାର ଅନେକ ଗ୍ରାମ ଏପରି ଅପହଞ୍ଚ ରହିଛି ଯେ, ଭତ୍ତା ପ୍ରାପ୍ତି ପାଇଁ ଗରିବ ବାପୁଡ଼ା, ଅସହାୟ, ନିରକ୍ଷର ତଥା ଆର୍ଥିକ ଅନଗ୍ରସର ବ୍ୟକ୍ତି ଟିଏ ପ୍ରତି ମାସରେ ନିଜ ଗ୍ରାମ ଠାରୁ ୨୦ ରୁ ୪୦ କିମି ଦୂର ଉଦ୍ଦିଷ୍ଟ ବ୍ୟାଙ୍କ୍ ଯାଇ ମାସିକ ୫ଶହ / ୭ଶହ ଆର୍ଥିକ ରାଶି ଉଠାଣ କରିବା କେତେ ଯନ୍ତ୍ରଣା ଦାୟକ, ତାହା କେବଳ ଅନୁଭବୀ ଟିଏ କେବଳ ବୁଝିଲେ, ବୁଝିପାରେ।

ନିକଟରେ ଆମ ରାଜ୍ୟ ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଅଧୀନସ୍ଥ ଅପହଞ୍ଚ ଇଲାକାରୁ ଦୁଇ ଜଣ ୮୨ ଓ ୯୦ ବର୍ଷର ବୃଦ୍ଧ ଲୋକ ନିଜ ଗ୍ରାମ ଠାରୁ ଦୀର୍ଘ ୪୦ କିମି ଦୂର ଖରା ଖାଉଟିଆ ନିଦାଘ ଖରାରେ ପାଦରେ ଚାଲିଚାଲି ନିଜ ନିଜ ମାସିକ ଭତ୍ତାକୁ ବ୍ୟାଙ୍କ ଉଠାଣ ନିମନ୍ତେ ଯାଇ ନିରାଶରେ ଫେରିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ସେମାନଙ୍କ ପାଖରେ ମୋବାଇଲ ସୁବିଧା ସାତସପନ ଥିବା ବେଳେ ମୋବାଇଲ ମେସେଜ ମଧ୍ୟ ଜାଣିବା ଦୁରୂହ ବ୍ୟାପାର ଅଟେ ବୋଲି ବୁଝିବାକୁ ହେବ। ଏଭଳି ଅସହାୟତାର ବିକଳ ଚିତ୍ର ଆମ ରାଜ୍ୟ ଓଡ଼ିଶାର ଅନେକ ବ୍ୟାଙ୍କ ଅପହଞ୍ଚ ଇଲାକାରେ ଦେଖିବାକୁ ମିଳିଥାଏ। ଏଭଳି ବୟୋବୃଦ୍ଧ ଅସହାୟଙ୍କ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ନିବେଦନ କରାଯାଉଛି। ନଚେତ୍ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ଅର୍ଥ ପ୍ରକାରାନ୍ତରେ କିଭଳି ସାକାର ହୋଇପାରିବ , ଚିନ୍ତା କରିବାକୁ ହେବ।

ଏହାକୁ ସଠିକ୍ ସମୟରେ ସଠିକ୍ ତଥା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାକୁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ନଗଦ ଭତ୍ତା ରାଶିକୁ ହିତାଧିକାରୀଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ହେଉଥିବା ସୂଚନାରୁ ପ୍ରକାଶ। ଆଗରେ ନିର୍ବାଚନ ଆସୁଛି। ଏଭଳି ପରିସ୍ଥିତିରେ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିକୁ ବିରୋଧି ଦଳ ନିର୍ବାଚନୀ ଚାଲ ବୋଲି କଟାକ୍ଷ କରି ଏହାକୁ ବିରୋଧ କରୁଛନ୍ତି।

ତେବେ ଏହି ସମସ୍ୟାର ସମାଧାନ ପାଇଁ ଆମେ ଡାକ ବ୍ୟାଙ୍କିଙ୍ଗ ମାଧ୍ୟମରେ ଭତ୍ତା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ତ୍ୱରିତ ଯୋଜନା ପ୍ରସ୍ତୁତ କରିବା ବିଧେୟ। କରୋନା ସମୟରେ ଆର୍ଥିକ ଦେଣନେଣ ତଥା କାରବାରକୁ ଅନେକାଂଶରେ ଡାକ ବିଭାଗ ସହଯୋଗର ହାତ ବଢ଼ାଇଥିଲେ। ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ ଜରିଆରେ ଯଦି ମୋବାଇଲ ପୋଷ୍ଟାଲ ଏଟିଏମ୍ ବ୍ୟବସ୍ଥା ହୋଇ ହିତାଧିକାରୀଙ୍କ ଗାଁରେ ହିତାଧିକାରୀଙ୍କ ପାଖରେ ଭତ୍ତା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରନ୍ତା, ତେବେ ଅସହାୟ ହିତାଧିକାରୀ କୌଣସି ସମସ୍ୟା ର ସମ୍ମୁଖୀନ ନହେବା ସହିତ ଆର୍ଥିକ ଗଫଲତିର ଶିକାର ମଧ୍ୟ ହେବାରୁ ବର୍ତ୍ତିଯାଇପାରନ୍ତା।

ଉଲ୍ଲେଖଯୋଗ୍ୟ, ଗତ ୨୦୦୮ରୁ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନା ଜରିଆରେ ଭତ୍ତା ପ୍ରଦାନ କରୁଥିବା ପ୍ରକାଶ। ରାଜ୍ୟ ର ପ୍ରାୟ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯାଉଛି। ଏଥିରୁ କେନ୍ଦ୍ରୀୟ ସାମାଜିକ ନ୍ୟାୟ ଯୋଜନାରେ ପ୍ରାୟ ୧୩ ଲକ୍ଷ ହିତାଧିକାରୀ ଙ୍କୁ ସିଧା ସଳଖ ବ୍ୟାଙ୍କ୍ ଟ୍ରାନ୍ସଫର ଜରିଆରେ ଭତ୍ତା ପ୍ରଦାନ କରାଯାଉଥିବା ପ୍ରକାଶ। ଏହା ବାଦ ବାକି ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ରାଜ୍ୟ ସରକାର ୫ଶହରୁ ୭ ଶହ ଟଙ୍କା ଯାଏଁ ପ୍ରତି ମାସରେ ଭତ୍ତା ପ୍ରଦାନ କରିଆସୁଛନ୍ତି। ଏଣୁ ଏହି ସମ୍ବଖ୍ୟାର ହିତାଧିକାରୀ ଙ୍କୁ ପ୍ରତି ମାସରେ ଭତ୍ତା ଅକାରରେ ନଗଦ ରାଶି ପ୍ରଦାନ ନିଷ୍ପତ୍ତି ଆର୍ଥିକ ଅନିୟମିତତାକୁ ଅଯଥା ପ୍ରୋତ୍ସାହନ ଯୋଗାଇବା ନିଃସନ୍ଦେହ।

ଆମ ରାଜ୍ୟରେ ପ୍ରାୟ ୮୩୨୯ ଟି ଡାକ ଘର ସମେତ ୭୬୫ଟି ଉପଡାକ ଘର ରହିଛି । ଏତଦ୍ ବ୍ୟତୀତ ଆମ ରାଜ୍ୟ ର ପ୍ରାୟ ପଞ୍ଚାୟତରେ, ଏପରିକି ଅନେକ ଗାଁରେ ଗ୍ରାମାଞ୍ଚଳ ଡାକଘର ରହିଛି। ବିଭାଗୀୟ ସ୍ତରରେ ଡାକ ବିଭାଗ କର୍ମଚାରୀ ଙ୍କ ସହ ଇଡି କର୍ମଚାରୀଙ୍କୁ ନିୟୋଜିତ କରାଇ ସମସ୍ତ ଙ୍କୁ ଆବଶ୍ୟକ ଡିଜିଟାଲ ଆର୍ଥିକ କାରବାର ଓ ସୁରକ୍ଷା ନିମନ୍ତେ ପ୍ରଶିକ୍ଷଣ ଦେଇ ଗାଁ ଗାଁ ରେ ହିତାଧିକାରୀଙ୍କ ଆଧାର ପରିଚୟ ପତ୍ର ଯାଞ୍ଚ ଓ ଟିପ ଚିହ୍ନ ଚିହ୍ନଟ ମାଧ୍ୟମରେ ହିତାଧିକାରୀଙ୍କୁ ତ୍ୱରିତ ଉପାୟରେ ଆବଶ୍ୟକ ଭତ୍ତା ପ୍ରଦାନ ବ୍ୟବସ୍ଥା ଓ ବନ୍ଦୋବସ୍ତ କରାଯିବା ଜରୁରୀ। ଏପରି ହେଲେ ହୁଏତ ନିଶ୍ଚିତ ଭାବରେ ଗ୍ରାମାଞ୍ଚଳର ବ୍ୟାଙ୍କ ଅପହଞ୍ଚ ଅଞ୍ଚଳରେ ରହୁଥିବା ଅସହାୟ ଗରିବ ହିତାଧିକାରୀଙ୍କ ପାଇଁ ସଠିକ୍ ସମୟରେ ପ୍ରତି ମାସରେ ତାର ପ୍ରାପ୍ୟ ଭତ୍ତାରାଶିକୁ ପାଇବା ପାଇଁ ଆଶାର ଆଲୋକ ସଞ୍ଚାର କରିପାରନ୍ତା। ଭତ୍ତା ରାଶିକୁ ବାଟମାରଣା ରୋକିବା ନିମନ୍ତେ ଏହା ପ୍ରକୃଷ୍ଟ ଉପାୟ ହୋଇପାରନ୍ତା।

ନାଚୁଣୀ ଖୋର୍ଦ୍ଧା(ପିନ୍ କୋଡ:-୭୫୨୦୩୪)
ଫୋନ:୬୩୭୦୪୯୫୯୪୪

# ପେଟ୍ରୋଲ ଡିଜେଲ ଦର ବୃଦ୍ଧି କାହିଁକି ?

**କାଳି ଦାସ**

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଦୁଇଜଣଙ୍କ ମିଳିତ ଯୋଗଦାନ ଯୋଗୁ ଆଜି ଡିଜେଲ ଓ ପେଟ୍ରୋଲର ଦାମ ଆକାଶ ଚୁମ୍ବିଛି। ଯେତେବେଳେ ପେଟ୍ରୋଲ ଓ ଡିଜେଲ ର ଦାମ ବଢୁଛି ସଙ୍ଗେ ସଙ୍ଗେ ଆମର ପ୍ରତିଦିନର ବ୍ୟବହାର୍ଯ୍ୟ ଜିନିସର ଦର ବଢିଯାଉଛି। ପରିବା ପତ୍ର , ଫଳ, ଓ ରାସନ ସବୁକିଛି ମହଙ୍ଗା ହୋଇଯାଉଛି। କୁହାଯାଉଛି ଯେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟେ ପୁଞ୍ଜିପତିଙ୍କୁ ଲାଭବାନ କରିବା ପାଇଁ ପେଟ୍ରୋଲ ଓ ଡିଜେଲ ର ଦରବୃଦ୍ଧି ଉପରେ ଆଙ୍କୁଶ ଲଗାଉନାହାନ୍ତି ।ବିରୋଧିଙ୍କ କହିବା ଅନୁସାରେ ଭାରତ ସରକାର ଏବଂ ରାଜ୍ୟ ସରକାର ଉଭୟଙ୍କ ଦ୍ୱାରା ଦୁର୍ନୀତି କରାଯାଉଛି ଯେଉଁଥିପାଇଁ ଆଜି ଭାରତ ର ସ୍ଥିତି ଉଦବେଗଜନକ। କେନ୍ଦ୍ର ସରକାରଙ୍କ ଏବଂ ରାଜ୍ୟ ସରକାରଙ୍କ ଅଣ ଦେଖା ଯୋଗୁ ଆଜି ୭୦% ଭାରାତ ର ଲୋକମାନେ ଭଲ ଭାବ ରେ ଖାଇପାରୁନାହାନ୍ତି ଏବଂ କୁପୋଷଣର ଶିକାର ହେଉଛନ୍ତି। କେନ୍ଦ୍ର ସରକାର ପୁଞ୍ଜିପତିଙ୍କ ଲାଭ ପାଇଁ ପେଟ୍ରୋଲ ଓ ଡିଜେଲକୁ ଜିଏସଟିରେ ପଞ୍ଜୀକୃତ କରୁନାହାନ୍ତି। ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ଅନୁଷ୍ଠାନ ପେଟ୍ରୋଲ ଡ଼ିଜେଲର ଦର ବୃଦ୍ଧିକୁ ଧରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏବଂ ରାଜସ୍ୱ ବିଭାଗ ର ମୁଖ୍ୟାଙ୍କୁ ଦାବି ପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ବିରୋଧୀ ଦଳଙ୍କ କହିବା ଅନୁଯାଇ ଯଦି ସରକାର ନିଜ କାର୍ଯ୍ୟ ଶୈଳୀ ରେ ପରିବର୍ତ୍ତନ କରିବେ ନାହିଁ ତାହେଲେ ୨୦୨୪ ନିର୍ବାଚନ ରେ ଭୋଟରଙ୍କୁ ପରିବର୍ତ୍ତନ ପାଇଁ ଚେଷ୍ଟା କରାଯିବ ଏବଂ ସରକାର ଆପେ ଆପେ ପରିବର୍ତ୍ତନ ହେବାପାଇଁ ବାଧ ହେବେ।

ଭାରତ ରେ ପେଟ୍ରୋଲ ଏବଂ ଡିଜେଲ ର ଦର ବୃଦ୍ଧି ଉପରେ ରୋକ ଲଗାଇବା ପାଇଁ ସରକାରଙ୍କୁ ପେଟ୍ରୋଲ ଏବଂ ଡିଜେଲ କୁ ଜିଏସଟି ରେ ସାମିଲ କରିବାକୁ ପଡିବ କିନ୍ତୁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେବେ ହେଲେ ଚାହିଁବେନି ପେଟ୍ରୋଲ ଓ ଡିଜେଲ ଜିଏସଟି ରେ ସାମିଲ ହେଉ କାରଣ ଉଭୟ ସରକାରଙ୍କୁ ପୁଞ୍ଜିପତିଙ୍କ ଠାରୁ ନିର୍ବାଚନ ସମୟ ରେ ଚାନ୍ଦା ନେଇଥାନ୍ତି । ସେଥିପାଇଁ ଉଭୟେ ସରକାର ପେଟ୍ରୋଲ ଏବଂ ଡିଜେଲ କୁ ଜିଏସଟି ରେ ସାମିଲ କରିବାକୁ ଚାହୁଁନାହାନ୍ତି।

ଦିଲ୍ଲୀର ମୁଖମନ୍ତ୍ରୀ ଅରବିନ୍ଦ କେଜେରିୱାଲ ଗୋଟିଏ ଭାରତୀୟ ଗଣମାଧ୍ୟମ କୁ ଉଦାହରଣ ସହିତ କହିଛନ୍ତି କି ପେଟ୍ରୋଲ ଲିଟର ଯଦି ୧୦୦ ଟଙ୍କା ହେଲେ କେନ୍ଦ୍ର ସରକାର ୬୦% ଟିକସ ପକେଇଛନ୍ତି ଏବଂ ରାଜ୍ୟ ସରକାର ୨୦ % ଟିକସ ପକେଇଛନ୍ତି ତାହେଲେ ରାଜ୍ୟ ସରକାରଙ୍କ ଭୁଲ କେଉଁଠି । କେନ୍ଦ୍ର ସରକାର ଯଦି ଟିକସ ଛାଡ କରିବେ ହେଲେ ସାଧାରଣ ଜନତା ଲାଭବାନ ହେବେ।

ବୃଦ୍ଧି ଜୀବୀଙ୍କ କହିବା ଅନୁଯାଇ ଭାରତ ସରକାରଙ୍କ ତରଫ ରୁ ପେଟ୍ରୋଲ ଉତ୍ପାଦନ କରୁଥିବା ଦେଶଙ୍କୁ ଅଧିକ କଞ୍ଚା ତେଲ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିବା କଥା। ଭାରତ ର କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ହେବା ର ମୁଖ୍ୟ କାରଣ ହେଲା ଇଣ୍ଟରନ୍ୟାସନାଲ ମାର୍କେଟରେ କୃଡ ଅଏଲ ବା କଞ୍ଚା ତେଲର ଦର ବଢିଥିଲା ଏବଂ ପେଟ୍ରୋଲ ସପ୍ଲାଇର ଡିମାଣ୍ଡ କମିଥିଲା ଯେଉଁଥିପାଇଁ ସରକାର ପେଟ୍ରୋଲ ଏବଂ ଡିଜେଲ ର ଦର ବଢାଇଥିଲେ। ଭାରତ ସରକାରଙ୍କ ତରଫରୁ ମିଡିଲ ଇଷ୍ଟ ଦେଶ ମାନଙ୍କୁ ତେଲ ଦର କମେଇବାପାଇଁ କେବେ ହେଲେ ଅନୁରୋଧ କରାଯାଇ ନାହିଁ। ଯୁକ୍ତ ରାଷ୍ଟ୍ର ଆମେରିକା ରେ ବେରେଲ ପିଛା ତେଲ ଦର ୪୦ ସେଣ୍ଟ କମିଛି।

ଓଡିଶାରେ ବର୍ତ୍ତମାନ ପେଟ୍ରୋଲ ଦର ୧୦୪.୬୬ ପଇସା ଅଛି। ପେଟ୍ରୋଲର ଦର ୭୪.୩୮ ଟଙ୍କା ଅଛି କିନ୍ତୁ ଅଧିକ ଦର ଦେଇ ତେଲ କିଣିବା ଯେମିତି ଗ୍ରାହକଙ୍କ ମୁଣ୍ଡ ରେ ବଜ୍ର ପଡିଛି । ତେଲ ଦର ୭୪.୩୮ ପଇସା ହେଲା ବେଳେ ଭାରତ ସରକାର ୧୦୪.୬୬ ଦର ରେ ତେଲ ବିକ୍ରି କରିବା କେତେ ଦୂର ଠିକ ?

ଭାରତ ସରକାର ଏବଂ ରାଜ୍ୟ ସରକାର ପେଟ୍ରୋଲ ରେ ଏକସାଇଜ ଡିୟୁଟିସ କମ କରିବେ ତାହେଲେ ସାଧାରଣ ଗ୍ରାହକ ମାନେ ଶସ୍ତା ରେ ପେଟ୍ରୋଲ ଓ ଡିଜେଲ ପାଇପାରିବେ। ସେଥିପାଇଁ କଞ୍ଚା ତେଲ ର ଦର କମେଇବା କଥା। କେନ୍ଦ୍ର ସରକାର ୪୦% ଟିକସ ନେଉଛନ୍ତି ଏବଂ ୩୭% ଡିଜେଲ ଦିଲ୍ଲୀ ରେ ନିଆଯାଉଛି। ପ୍ରତ୍ୟକ ୧୫ ଦିନ ରେ ଇଣ୍ଟେରନ୍ୟାସନାଳ ବ୍ୟାଞ୍ଚମାର୍କ ରେ ପେଟ୍ରୋଲ ଏବଂ ଡିଜେଲ ର ଦର ର ବୃଦ୍ଧି କରାଯାଉଛି। ରୁଷିଆ ଏବଂ ୟୁକ୍ରେନ ଭିତରେ ଯୁଦ୍ଧ ଚାଲିଛି । ରୁଷିଆ ଉପରେ ଅନ୍ତର ରାଷ୍ଟ୍ରୀୟ ସ୍ତର ରେ ବିଭିର୍ନ୍ନ ପ୍ରକାର ର ପ୍ରତିବନ୍ଧ ବା (ଷ୍ପବଭମଷ୍ପସକ୍ଟଭ) ଲଗାଯିବା ଯୋଗୁ କଞ୍ଚା ତେଲ ର ସପ୍ଲାଇ କମିଯାଇଛି ସେଥିପାଇଁ ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ହୋଇଚାଲିଛି। ଯେତେବେଳେ ଡ଼ଲାର ର ମୂଲ୍ୟ ଭାରତୀୟ ଟଙ୍କା ତୁଳନା ରେ ବଢୁଛି ସେତେବେଳେ ମଧ୍ୟ ପେଟ୍ରୋଲ ଏବଂ ଡ଼ିଜେଲ ର ଦର ବଢିଯାଉଛି କିନ୍ତୁ ଯଦି ଭାରତୀୟ ମୁଦ୍ରାର ମୂଲ୍ୟ ବଢୁଛି ସେତେବେଳେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଦର କମୁନାହିଁ।

କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଏଭଳି ନୀତି ଯୋଗୁ ଆଜି ଭାରତ ରେ ଆର୍ଥିକ ସଙ୍କଟ ସାମସ୍ୟା ଦେଖିବା କୁ ମିଳୁଛି ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯

## ସଂପାଦକଙ୍କୁ ପତ୍ର

### ପ୍ରଧାନମନ୍ତ୍ରୀ ମନ୍ କି ବାତ୍ ଲୋକଙ୍କ ମନରେ ଉତ୍ସାହ ଭରୁଛି

ମହାଶୟ,

ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ବେଶ୍ ଶିକ୍ଷଣିୟ ଓ ଲୋକଙ୍କ ମନରେ ଉତ୍ସାହ ଭରୁଛି। ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ ଶୁଣିବା ପାଇଁ ବିଜେପି ତରଫରୁ ପ୍ରତି ବ୍ଲକ୍ ସ୍ତରରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି। ଲୋକମାନେ ଏହାକୁ ଶୁଣିବା ପରେ ମୋଦୀଙ୍କ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ବୃଦ୍ଧି ପାଇଛି। ବିଜେପିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୋଦିଜୀଙ୍କ ବହୁ ଉପାଦେୟ ତଥ୍ୟ ଉପସ୍ଥାନ କରିବା ସହ ଦେଶର ପ୍ରତିଭାବାନ୍ ବ୍ୟକ୍ତି ବିଶେଷଙ୍କୁ ଆତ୍ମନିର୍ଭର ହେବା ସହ ଉକ୍ତ ବ୍ୟକ୍ତିମାନଙ୍କୁ ଲୋକଲୋଚନକୁ ଆଣି ପାରୁଛନ୍ତି।

ରବୀନ୍ଦ୍ର କୁମାର ଦାସ
ଅତାମଲା, ଜଗତସିଂହପୁର

### ରାସନ ଆଣିବାକୁ ଯିବା ଦୁଃଖ ବୁକୋଉଛି

ମହାଶୟ,

ସରକାରଙ୍କ ତରଫରୁ ସମସ୍ତଙ୍କ ପାଇଁ ଖାଦ୍ୟ ଯୋଗାଇ ଦେବା ଆଶାରେ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି। ଏହି କାର୍ଡ ଦ୍ୱାରା ସେମାନେ ମୁଣ୍ଡପିଛା ୫ କେଜି ଚାଉଳ, ଗହମ, କିରାସିନି ଓ ଡାଲି ପାଇ ପାରୁଛନ୍ତି। ମାତ୍ର ଏଭଳି ଅନେକ ଲୋକ ଅଛନ୍ତି ସେମାନେ ରାସନ ଆଣିବା ପାଇଁ ଯାଇ ଡିଲର ପାଖରେ ଦିନ ଦିନ ବିତି ଯାଉଛି। ଏଭଳି ସମସ୍ୟା ଦୂର କରିବା ପାଇଁ ଦାବି କରାଯାଉଛି।

ମଧୁସୂଦନ ଜାନି
ଝାଲିଆଗୁଡ଼ା, ନବରଙ୍ଗପୁର

### ଦାଦନ ଦୁଃଖ ବୁଝୁଛି କିଏ ?

ମହାଶୟ,

ସରକାରଙ୍କ ପକ୍ଷରୁ ଦାଦନ ଖଟି ଯିବା ପାଇଁ ବାରଣ କରାଯାଉଛି। ମାତ୍ର ରାଜ୍ୟରେ କିଭଳି କାମ ମିଳିବ ତାର ବ୍ୟବସ୍ଥା ହେଉନାହିଁ। ମନରେଗା ଯୋଜନା ଶ୍ରମିକ କାର୍ଡ ଥାଇ ମଧ୍ୟ ଲୋକ କାମ ପାଉ ନାହାନ୍ତି। ମନରେଗା କାମ ମେସିନ୍ କରୁଛି। ଏହାର ସମାଧାନ ପାଇଁ ଆମେ ଦାବି କରୁଛୁ।

ଜୀବନ ପ୍ରଦିପ ସାହୁ
କାମାକ୍ଷାନଗର, ଢେଙ୍କାନାଳ

# ବଢୁଛି ତାତି ଜଳର ଆଉ ନାହିଁ ସ୍ଥିତି

**ରାନୀ ନାୟକ**

ବିଶ୍ୱତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ଏବେ ପୃଥିବୀ ପାଇଁ ବିପଦ ସୃଷ୍ଟି କରିଛି। ଋତୁଚକ୍ର ଅନୁସାରେ ଛଅଟି ଋତୁ ମଧ୍ୟରୁ ଏବେ କେବଳ ଗ୍ରୀଷ୍ମ ଋତୁ ଅନୁଭୂତ ହେଉଛି। ଅନ୍ୟ ଋତୁ ସବୁକୁଆଡେ ଉଭେଇ ଗଲାଣି। କେଉଁଠି ଶୀତଦିନେ ଝାଳ ବହୁଛି ତ ଖରାଦିନେ ଅତ୍ୟଧିକ ମୁଣ୍ଡଫଟା ଖରା, କେବେ ବର୍ଷା ଦିନେ କମ ବର୍ଷା ହେଉଛି। ଚଳିତବର୍ଷ ଫେବୃଆରୀ ଆରମ୍ଭରୁ ହିଁ ତାପମାତ୍ର ୩୬ ଡ଼ିଗ୍ରୀ ପାଖାପାଖି ରହିଛି । ଗ୍ରୀଷ୍ମ ଋତୁ ଆସିଲେ ମନରେ ଖେଳେ ଆତଙ୍କ । ମଣିଷର ଅମାନୁଷିକ କାର୍ଯ୍ୟକଳାପ ଯୋଗୁ ତାପମାତ୍ର ବୃଦ୍ଧି ପାଇବାରେ ଲାଗିଛି। ସବୁଠି ଧୀରେ ଧୀରେ ଜଳ କମିବାରେ ଲାଗିଛି। ,ସଲିଳଂ ସର୍ବମ୍ ଇଦଂ, ଅର୍ଥାତ୍ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟ ବିନା କିଛି ମାସ କିମ୍ବା କିଛି ବର୍ଷ ବଞ୍ଚିପାରେ। ମାତ୍ର ଜଳ ବିନା କେଇଦିନ ବଞ୍ଚିବା ସମ୍ଭବ ନୁହେଁ। ଜଳରୁ ଜୀବନ ସୃଷ୍ଟି। ପୃଥିବୀରେ ବସବାସ କରୁଥିବା ସମସ୍ତ ଜୀବଙ୍କ ଶରୀରର ୬୦ରୁ ୮୦ଶତାଂଶ ଯାଦୁକରୀ ତରଳ ପଦାର୍ଥରେ ଗଢା। ତାହିଁରେ ଏହାର ସାମାନ୍ୟ କମ୍ ବେଶି ହେଲେ ଜୀବନ ପ୍ରକ୍ରିୟାରେ ଘୋର ବିଭ୍ରାଟ ସୃଷ୍ଟି ହୁଏ। ମଣିଷ ନିଜର ମୌଳିକ ସୁବିଧା ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ପରିବେଶର ଏକ ମୂଲ୍ୟବାନ ଅଂଶ ହେଉଛି ଜଙ୍ଗଲ। କୁହାଯାଏ ଜଙ୍ଗଲ ଥିଲେ ମଙ୍ଗଳ ଅଛି। କେହି ଥଟ୍ଟାରେ କହିନି ଏହା ସତ। ବୃକ୍ଷ କାଟିବା କାରଣରୁ ଏବେ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି। ଏଣୁ ବଢ଼ିଛି ବିଶ୍ୱତାପନ ଓ ଜଳ ସମସ୍ୟା। ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏବେ ଦେଖାଦେଇନି। ବହୁ ଆଗରୁ ଆରମ୍ଭ ହୋଇଛି କିନ୍ତୁ ପ୍ରାକୃତିକ ଭାବେ ପରିବର୍ତ୍ତନ ଅଧିକ ସମୟ ଲାଗିଥାଏ, ଏହା ପରିବେଶ ପାଇଁ ଉପଯୋଗୀ ଦେଇଥାଏ। କିନ୍ତୁ ଏବେର ଜଳବାୟୁ ସମସ୍ୟା ମନୁଷ୍ୟକୃତ। କେଉଁଠି ଜନବସତି ଆଡେ ସମୁଦ୍ର ମାଡ଼ି ଆସୁଛି ତ , କେଉଁଠି ଜଳ ଶୁଖି ବାରେ ଲାଗୁଛି। ବିଶ୍ୱର ବଡ଼ ବଡ଼ ହ୍ରଦ ସବୁ ଶୁଖିବାରେ ଲାଗିଛି। ୧୯୯୦ ଦଶକ ଆରମ୍ଭରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବୈଜ୍ଞାନିକମାନେ ଉପଗ୍ରହ ଚିତ୍ର ଜରିଆରେ ଏବଂ ଜଳବାୟୁ ଓ ଜଳବିଜ୍ଞାନ ମଡେଲ ଆଧାରରେ ପାଖାପାଖି ଦୁଇହଜାର ବୃହତ ହ୍ରଦର ଆକଳନ କରିଛନ୍ତି। ଏଥିରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ ଲୋକଙ୍କ ମନଇଚ୍ଛା ଜଳ ବ୍ୟବହାର, ବର୍ଷା ରେ ହେଉଥିବା ପରିବର୍ତନ, ଜଳ ବୋହିଯିବ, ପଟୁ ବସିଯିବା, ଓ ତାପମାତ୍ର ବୃଦ୍ଧି ଆଦି କାରଣରୁ ଜଳ ସ୍ତର ହ୍ରାସ ପାଉଛି। ଅନ୍ୟ ପଟେ ଜଳବାୟୁ ପରିବର୍ତ୍ତନ ପାଇଁ ରାଜଧାନୀ ବଦଳ ହେଉଛି। ଇଣ୍ଡୋନେସିଆର ରାଜଧାନୀ ଜାକତ୍ରା ରୁ ବୋର୍ଣିଓ କୁ ପରିବର୍ତ୍ତନ କରାଯିବାର ଯୋଜନା ରହିଛି। ଜାକତ୍ରା ଠାରୁ ୨୦୦୦ କିଲୋମିଟର ଦୂର ବୋର୍ଣିଓ କୁ ପରିବର୍ତ୍ତନ କରାଯିବ ।ଜାକତ୍ରା ରେ ପ୍ରାୟ ୧କୋଟି ୪ଲକ୍ଷ୍ୟ ଲୋକ ବସବାସ କରନ୍ତି। ଏହା ପୃଥିବୀର ସବୁଠାରୁ ଦୃତଗତିରେ ବୁଡି ଯାଉଥିବା ସହର। ୨୦୫୦ସୁଦ୍ଧା ଜାକତ୍ରା ସହରର ଏକ ତୃତୀୟାଂଶ ଭାଗ ଜଳ ମଗ୍ନ ହୋଇଯିବ। ଏହାର କାରଣ ଅନିୟନ୍ତ୍ରିତ ଭୂତଳ ଜଳ ଉତୋଳନ ଜାଭା ସାଗରରେ ଜଳ ବୃଦ୍ଧି ଅଟେ। ପୃଥିବୀ ପୃଷ୍ଠରେ ଶତକଡା ୭୧ଭାଗ ଜଳ, ତେବେ ୩ଭାଗ ଆମର ପାନୀୟ ରୂପେ ଉପଲବ୍ଧ। ତେବେ କ୍ରମଶଃ ଜନସଂଖ୍ୟା, ପରିବେଶ ପ୍ରଦୂଷଣ ଭଳି କାରଣମାନଙ୍କରୁ ଏହାର ମୁଣ୍ଡପିଛା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଦିନକୁ ଦିନ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଜୀବାଶ୍ମ ଇନ୍ଧନ କୋଇଲା ପେଟ୍ରୋଲିୟମ ର ଅତ୍ୟଧିକ ବ୍ୟବହାର ପାଇଁ ସବୁଜ ଗୃହ ବାଷ୍ପ ନିର୍ଗତ ହୋଇ ତାପମାତ୍ର ବୃଦ୍ଧି ହେବାର ମୂଳ କାରଣ ସାଜିଛି। ଦ ୱାର୍ଲ୍ଡ ୱାଟର ଡେଭଲୋମେଣ୍ଟ ରିପୋର୍ଟ ୨୦୨୩ ଅନୁସାରେ ଆଗାମୀ ଗ୍ରୀଷ୍ମ ଋତୁ ବିଶ୍ୱର ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କ ମଧ୍ୟରୁ ୨୪୦କୋଟି ଲୋକ ଜଳ ଅଭାବର ସମ୍ମୁଖୀନ ହେବେ। ଭାରତ ଅଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। କାରଣ ବିଶ୍ୱ ଜନସଂଖ୍ୟାରେ ୧୮ପ୍ରତିଶତ ବାସ କରୁଥିବାରୁ ଆମର ଦେଶରେ ମଧୁର ଜଳ ରହିଛି ମାତ୍ର ୪ପ୍ରତିଶତ।

ଏପଟେ ଜଳସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଓଡ଼ିଶା କୁ ମିଳିବ ଜାତୀୟ ଜଳ ପୁରସ୍କାର। ୩.୨ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରାଯାଇ ପ୍ରାୟ ୪ଲକ୍ଷରୁ ଅଧିକ ଚାଷୀଙ୍କୁ ଜଳସୁରକ୍ଷା ଯୋଗାଇ ଦିଆଯାଉଛି। ବିଭିନ୍ନ ଜଳସଂରକ୍ଷଣ ପଦକ୍ଷେପ ଯୋଗୁଁ ରାଜ୍ୟର ଭୂତଳ ଜଳ ପ୍ରାୟ ୧୭.୨୬ ବିଲିୟନକୁ ବୃଦ୍ଧି ପାଉଛି। ପୂର୍ବ ଦୁଇ ଦଶନ୍ଧି ତୁଳନାରେ ୨୦୦୦ ମସିହା ଠାରୁ ମରୁଡି ସଂଖ୍ୟା ୨୯ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଏପଟେ ରାଜ୍ୟ ସରକାର ଖାଲି ପ୍ରଂଶସା ପତ୍ର ପାଇବା ପାଇଁ କେବଳ ପ୍ରଚାର ପ୍ରସାର କରୁଛନ୍ତି। ଭାରତୀୟ ଅର୍ଥନୀତିକୁ ଝଟକା ମଧ୍ୟ ଜଳବାୟୁ। ଭାରତୀୟ ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ପ୍ରବଳ ଉତାପ ଓ ଆଦ୍ରତା ଯୋଗୁଁ ଶ୍ରମର କାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ୨୦୩୦ ଉତାପ ପାଇଁ ପ୍ରାୟ ୩.୪କୋଟି ନିଯୁକ୍ତି ହରାଇବେ। ବିଶ୍ୱସ୍ତରରେ ଏହାକୁ ୮କୋଟି କରାଯାଇଛି। ଭାରତୀୟ ଜୀବନ ଜୀବିକାର ମୁଖ୍ୟ ଆଧାର କୃଷି। ଏହାଦ୍ୱାରା ଅର୍ଥନୀତିକୁ ପ୍ରଭାବିତ କରିବା ସହ ସହରାଞ୍ଚଳ କୁ ପ୍ରଭାବିତ କରିବ । ୨୦୧୫ରେ ବିଶ୍ୱର ନେତା ଗଣମାନେ ଏକ ପ୍ରମୁଖ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଜଳୀୟବାଷ୍ପ ଏକ ପ୍ରକାର ଗ୍ରୀନହାଉସ ଗ୍ୟାସ ।ପୃଥିବୀର ତାପମାତ୍ରା ବୃଦ୍ଧି ହେତୁ ଜଳ ବାଷ୍ପୀଭୂତ ହୁଏ। ତେଣୁ ବାୟୁମଣ୍ଡଳରେ ରହି ବିଶ୍ୱତାପମାତ୍ରା ବୃଦ୍ଧି ପାଏ। ସମସ୍ତ ଜଳବାୟୁ ପରିବର୍ତ୍ତନ ସମାଧାନର ମୂଳ ହେଉଛି ଗ୍ରୀନହାଉସ ନିର୍ଗମନକୁ ହ୍ରାସ କରିବା। ଯାହା ଯଥାଶୀଘ୍ର ଶୂନ୍ୟରେ ପହଞ୍ଚିବା ଆବଶ୍ୟକ। କାରଣ ଆମର ଜଳବାୟୁକୁ ନିୟନ୍ତ୍ରଣ କରିବାରେ ଉଭୟ ଜଙ୍ଗଲ ଏବଂ ମହାସାଗରର କାର୍ବନ ଡାଇଅକସାଇଡ ଶୋଷିବା ପାଇଁ ପ୍ରାକୃତିକ ଦକ୍ଷତା ବୃଦ୍ଧି କରିବା ମଧ୍ୟ ବିଶ୍ୱତାପମାତ୍ରା ବନ୍ଦ କରିବାରେ ସାହାଯ୍ୟ କରିଥାଏ। ଜାତିସଂଘର ସେକ୍ରେଟାରୀ ଜେନେରାଲ ଅଣ୍ଟନିଓ ଗଟ୍ରୋରସ ଏହାକୁ ମାନବିକତା ପାଇଁ କୋଡଲାଲ ବୋଲି କହିଛନ୍ତି।

ଜୀବାଶ୍ମ ଇନ୍ଧନ ଜାଳିବା, ଗଛ କାଟିବା ଇତ୍ୟାଦି ପୃଥିବୀର ତାପମାତ୍ରା ବଢାଇଥାଏ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ଲଗାଇବା। ଏବଂ ଜଳବାୟୁ ଯେପରି ଦୂଷିତ ନହୁଏ ସେହି ଜିନିଷ ବ୍ୟବହାର କରିବା। ବେଳ ଥାଉଥାଉ ସରକାର ଏଥିପ୍ରତି ସଚେତନ କରାଇବା ସହ ଲୋକେ ମଧ୍ୟ ନିଜେ ସଚେତନ ହେବା ଦରକାର। ନଚେତ୍ ଦିନ ଆସିବ ଜଳ ଟିକେ ପାଇଁ ସମସ୍ତେ ଡହଳବିକଳ ହୋଇ ପୋକ ମାଛି ପରି ମାରି ଚାଲିବେ। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନରୁ ରକ୍ଷା ପାଇବା ପାଇଁ ଏବଂ ସମସ୍ତଙ୍କୁ ସାମିଲି କରି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ବୃକ୍ଷରୋପଣ ପାଇଁ।

ବୃକ୍ଷରୋପଣ କରି ପୃଥିବୀ ମା'ର ରକ୍ଷାରେ ଆମର ମଙ୍ଗଳ।

ଆଇଏମସି, ଢ଼େଙ୍କାନାଳ
ମୋ-୭୬୦୬୯୯୬୦୫୩



## ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି ୩୯ କୋଟି ଟଙ୍କାର ମେଗା ପାନୀୟ ପ୍ରକଳ୍ପ

# ଉଦ୍‌ଘାଟନର ୪ବର୍ଷ ପରେ ବି ମିଳୁନି ପାନୀୟଜଳ

**ଟିଟିଲାଗଡ଼, (ପିପିଏସ୍):** ସରକାରି ସ୍ତରରେ ଟିଟିଲାଗଡ ଏବଂ ସଇଁନ୍ତଲା ବ୍ଲକର ବିଭିନ୍ନ ୨୫ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଗତ ପ୍ରାୟ ୪ ବର୍ଷ ହେଲା ବେଲଗାଁ ତେଲନଦୀ ଘାଟରେ ୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ହେଲେ ଅଦ୍ୟାବଧି ଅନେକ ଗ୍ରାମବାସୀ ପ୍ରକଳ୍ପରୁ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଟିଟିଲାଗଡ ବ୍ଲକ ବିଜେପୁର ପଞ୍ଚାୟତ ତେଲନଦୀ କୁଳରେ ଅବସ୍ଥିତ। ହେଲେ ୧୨ କିଲୋମିଟର ଦୂର ବେଲଗାଁ ତେଲନଦୀ ଘାଟରୁ ପାଇପ ଯୋଗେ ପାନୀୟ ଜଳ ସଂଯୋଗ କରାଯାଇଥିବା ବେଳେ ତାହା ଅପହଞ୍ଚ ହୋଇରହିଛି। ବିଜେପୁର ଗ୍ରାମର ପ୍ରାୟ ୭୫ ପ୍ରତିଶତ ଅଞ୍ଚଳରେ ପାଣି ପହଞ୍ଚୁନାହିଁ। ଅନେକ ସ୍ଥାନରେ ଘର ସମ୍ମୁଖରେ ବିଡାବିଡା ପାଇପ ମାଟି ତଳୁ ଉଙ୍କି ମାରି ମାସ ମାସ ଧରି ସେଭଳି ଅବସ୍ଥାରେ ପଡି ରହିଛି। ହେଲେ ସରକାର ଘର୍ ଘର୍ ଜଲ୍ ଘର୍ ଘର୍ ନଲ୍ ନାରା ଦେଇଚାଲିଥିବା ବେଳେ ପାଇପ କାହା ଘରକୁ ଯାଇପାରୁନାହିଁ। ଗ୍ରାମର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିବା ବେଳେ ପାଣି ଆଦୌ ବାହାରୁ ନାହିଁ। ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ବେପରୁଆ ଭାବରେ ହୋଇଥିବା ଦେଖାଯାଇଛି। ଜଣକ ଘର ବାରଣ୍ଡା ପଟକୁ ମୁହଁ କରି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିବା କୌତୁହଳ ସୃଷ୍ଟି କରିଛି। ଦେଶର ଇତିହାସରେ ଘର୍ ଘର୍ ଜଲ୍ ଘର୍ ଘର୍ ନଲ୍ ଯୋଜନାରେ ଏଭଳି ଷ୍ଟାଣ୍ଡପୋଷ୍ଟ ନିର୍ମାଣ ଗ୍ରିନିଜ ବୁଅ ଅଫ ରେକର୍ଡରେ ସ୍ଥାନ ପାଇବା ଉଚିତ ବୋଲି ଏନଇ ଆଇନଜୀବୀ ଉମେଶ ପଣ୍ଡା, ଗତିକୃଷ୍ଣ ବଗର୍ତ୍ତି କହିଛନ୍ତି। ପାଇପ ବିଛାଇବା ପାଇଁ ଠିକାଦାର ଦ୍ୱାରା ଗାଁର ବିଭିନ୍ନ ପଡାର କଂକ୍ରିଟ ରାସ୍ତା ଭଙ୍ଗା ଯାଇ ସେଭଳି ଅବସ୍ଥାରେ ଛାଡି ଦିଆଯାଇଛି। ସେହିପରି ପଞ୍ଚାୟତ ଅନ୍ତର୍ଗତ ଥୁବୁଡିଙ୍ଗ, ଚାନ୍ଦୁତରା ଗ୍ରାମକୁ ଆଦୌ ପାଣି ଯାଉନାହିଁ। ଚୋରମରା ଗ୍ରାମର ଅଧେ ଅଞ୍ଚଳ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। ତରାସିଂହା ଗ୍ରାମକୁ ମେଗା ପାନୀୟ ଜଳ ପ୍ରକଳ୍ପରୁ ଠିକ ଭାବରେ ପାନୀୟ ଜଳ ଆସୁନଥିବା ନେଇ ପଞ୍ଚାୟତ ପକ୍ଷରୁ ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ଜାରି ରହିଛି। ଫଳରେ ପଞ୍ଚାୟତ ପାଣ୍ଠିରୁ ଲକ୍ଷଲକ୍ଷ ଟଙ୍କା ବିଦ୍ୟୁତ ବିଲ ଭରଣା କରିବାକୁ ପଡୁଛି। ଏସବୁ ଅବ୍ୟବସ୍ଥା ଜାରି ରହିଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଆଜି ଅନୁଷ୍ଠିତ ବିଜେପୁର ପଞ୍ଚାୟତ ବୈଠକରେ ସରପଞ୍ଚ ହୃଷିକେଶ ବାଗ, ନାଏବ ସରପଞ୍ଚ ତିଲୋତ୍ତମା ବଗର୍ତ୍ତି ତଥା ୱାର୍ଡସଭ୍ୟ ସଭ୍ୟା ତୀବ୍ର ବର୍ଷିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ସେମାନଙ୍କ ପିସି ପାଇ ସାରିଥିବା ନେଇ ଆଉ ପାଣି ଆସିଲା କି ନାହିଁ ତଦାରଖ କରୁନଥିବା ଅଭିଯୋଗ ହୋଇଥିଲା। ଏହା ସହ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମଙ୍କ ପାସବୁକରେ ଭତ୍ତା ଟଙ୍କା ଜମା କରାଯାଉନଥିବା ନେଇ ସେମାନେ ଟଙ୍କା ଉଠାଣ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିବା ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ରାଜ୍ୟ ସରକାର ବିଭିନ୍ନ ବ୍ୟାଙ୍କକୁ ହିତାଧିକାରୀଙ୍କ ଘରକୁ ଘର ଯାଇ ଭତ୍ତା ଟଙ୍କା ଆବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ତାହା କାର୍ଯ୍ୟ ହେଉନଥିବା ନେଇ ବ୍ଲକ ପ୍ରଶାସନ ନିଦାବିଷ୍ଟ ସାଜିଥିବା ଅଭିଯୋଗ ହୋଇଥିଲା। ପାନୀୟ ଜଳ ସମସ୍ୟା ନେଇ ଟିଟିଲାଗଡ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ କ୍ଷିରୋଦ୍ର ରାଉତ ଫୋନ ରିସିଭ କରୁନଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ନେଇ ବଲାଙ୍ଗିର ଜିଲାପାଳ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



# ୨୧ଟି ଗ୍ରାମର ୫୮୬୫ ପରିବାର ପାଣି ମୁନ୍ଦେ ପାଇବା ପାଇଁ ହୀନସ୍ତା



**ମାଲକାନଗିରି, (ହି.ସ.):** ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ୨୦୨୦ ମସିହାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାକୁ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଲୋକାର୍ପଣ ଅବସରରେ ମାଲକାନଗିରି ଜିଲ୍ଲା କାଲିମେଲାବାସୀଙ୍କୁ ଭେଟି ଦେଇଥିଲେ ବୃହତ୍ ପାନୀୟ ଜଳ ପ୍ରକଳ୍ପ। ଭେଙ୍କଟପାଲମ ଠାରେ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ସ୍ଥାନ ନିରୂପଣ ହୋଇଥିଲା। ୩୭ କୋଟି ୨ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟରେ ଜେଏମସି ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ ନାମକ କଂପାନି ପ୍ରକଳ୍ପ କାମ କରିବାକୁ ସରକାରଙ୍କ ସହ ଚୁକ୍ତି କରିଥିଲା। ଭେଙ୍କଟପଲମ ଗ୍ରାମ ନିକଟରେ ପ୍ରବାହିତ ପୋଟେରୁ ନଦୀ କୂଳରେ ୪.୫ ଏମଏଲଡି କ୍ଷମତା ବିଶିଷ୍ଟ ଏହି ବୃହତ୍ ପ୍ରକଳ୍ପ ନିମନ୍ତେ ନାବାର୍ଡ ଅର୍ଥ ଯୋଗାଇ ଦେଇଛି। ଏହି ପ୍ରକଳ୍ପ ପରେ ଜଳକଷ୍ଟର ଅନ୍ତ ହୋଇଯିବ ବୋଲି କାଲିମେଲାବାସୀଙ୍କ ମଧ୍ୟରେ ଆଶା ସଂଚାର ହୋଇଥିଲା। କିନ୍ତୁ, ଚୁକ୍ତି ଅବଧି ଶେଷ ହେବାକୁ ଆଉ ୪ ମାସ ରହିଥିବା ବେଳେ ପ୍ରକଳ୍ପ ସଂପୂର୍ଣ୍ଣ ହୋଇନି। ପ୍ରାୟ ଅଧା କାମ ସରିଥିବା ବେଳେ ବଳକା କାମ କେବେ ଶେଷ ହେବ ବୋଲି କାଲିମେଲା ଭେଙ୍କଟପଲମ, ବଡ଼ିଗେଟା, ଗମ୍ପାକୋଣ୍ଡା ଏବଂ କୋଇମେଟଲା ପଂଚାୟତବାସୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୧ଟି ଗ୍ରାମର ୫୮୬୫ ପରିବାର ପାଣି ମୁନ୍ଦେ ପାଇବା ପାଇଁ ହୀନସ୍ତା ହେଉଛନ୍ତି। ପୋଟେରୁ ନଦୀରୁ ମୋଟର ଯୋଗେ ପାଣି ଉଠାଇ ତାହାକୁ ବିଶୋଧନ ପରେ ଜଳ ଯୋଗାଇ ଦେବାକୁ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ତେଣୁ କାଲିମେଲା, ଗମ୍ପାକୋଣ୍ଡା, କୋଇମେଟଲା, ଭେଙ୍କଟପଲମ, ବଡିଗେଟା ପଂଚାୟତର ଉଚ୍ଚ ସ୍ଥାନରେ ବଡ଼ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଶେଷ ହୋଇଛି। ତଥାପି ନିର୍ଦ୍ଧାରିତ ସମୟ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ସମ୍ଭାବନା କମ୍। କାରଣ ପୋଟେରୁ କୂଳରେ ନିର୍ମିତ ଇନଟ୍ଟେଲ୍ ୱେଲ ସଂପୂର୍ଣ୍ଣ ହୋଇନି। ସେହିପରି ଗୋଟିଏ ପମ୍ପ ହାଉସ, ଗୋଟିଏ ଅଫିସ କୋଠା, ଗୋଟିଏ କ୍ଲିଅର ୱାଟର ରିଜର୍ଭ ଟାଙ୍କି, ଦୁଇଟି ସିଲ୍ଏଫ୍ ଟାଙ୍କି, ଗୋଟିଏ ଫିଲ୍ଟର ହାଉସ, ଗୋଟିଏ ବ୍ଲିଚିଂ ରୁମ୍, ଗୋଟିଏ ଏରିଏଟର ହାଉସ, ଗୋଟିଏ କେମିକାଲ ହାଉସ, ଗୋଟିଏ ସିଏଫବି କୋଠା ଏବେ ମଧ୍ୟ ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି। ଏଥିସହିତ ପାଇପିଂ ଓ ଇଲେକ୍ଟ୍ରିକାଲ କାମ ଆଦେ ? ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି। ଓଭର ହେଡ୍ ଟାଙ୍କିରୁ ଘର ପର୍ଯ୍ୟନ୍ତ ଜଳ ଯୋଗାଣ ନିମନ୍ତେ ପାଇପ ବିଛାଇବା କାମ ମଧ୍ୟ ସଂପୂର୍ଣ୍ଣ ହୋଇନି। ବର୍ଷ ବର୍ଷ ଧରି ରାସ୍ତାରେ ପାଇପ ଗୁଡ଼ିକ ପଡ଼ିଛି। କିନ୍ତୁ, କଂପାନି ପକ୍ଷରୁ ପାଇପ ବିଛାଇବା ପାଇଁ ଗାଁ ରାସ୍ତାକୁ ଖୋଳି ଛାଡ଼ି ଦେଇଥିବାରୁ ଯାତାୟାତ ପ୍ରଭାବିତ ହେଉଛି। ଠିକାସଂସ୍ଥା ପକ୍ଷରୁ କାମ କରୁଥିବା ସ୍ଥାନୀୟ ଠିକାଦାରଙ୍କୁ ଟଙ୍କା ଦେବାରେ ବିଳମ୍ବ ହେଉଥିବାରୁ ଏମିତି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପାନୀଳ ଜଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରିତେଶ ସାହୁଙ୍କୁ ଯୋଗାଯୋଗ କରିବାରୁ କଂପାନିକୁ କାମ ଶୀଘ୍ର ଶେଷ କରିବାକୁ ବାରମ୍ବାର ତାଗିଦ କରାଯାଉଛି। ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରୁ ମଧ୍ୟ କଂପାନିକୁ ବାରମ୍ବାର ଏନେଇ ଅବଗତ କରାଯାଇଛି। ଯଦି ସ୍ଥାନୀୟ ଠିକାଦାରଙ୍କୁ ଅର୍ଥ ଦେବାରେ କଂପାନି ବିଳମ୍ବ କରୁଛିଏବଂ ଏଥିଯୋଗୁ କାମ ବିଳମ୍ବ ହେଉଛି ତେବେ ସ୍ଥାନୀୟ ଠିକାଦାରଙ୍କୁ ଡାକି ଆଲୋଚନା କରିବେ ବୋଲି କହିଛନ୍ତି।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି



**ଫୁଲବାଣୀ (ହି.ସ):** ଫୁଲବାଣୀ ସ୍ଥିତ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ବହୁମୂଲ୍ୟ ଯନ୍ତ୍ରପାତି ଖତ ଖାଉଛି। ମୋଟ ୭୦ ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୩୮ ଜଣଙ୍କୁ ନେଇ ଯଥାକଥା ଭାବେ ଚିକିତ୍ସାଳୟ ଚାଲିଛି। ମେଡିସିନ ବିଭାଗରେ ୫ ଜଣ ବିଶେଷଜ୍ଞ ସ୍ଥାନରେ ଜଣେ ରହିଥିବା ବେଳେ ସର୍ଜରୀ ବିଭାଗରେ ଗୋଟିଏ ପଦବି ଖାଲି ପଡ଼ିଛି ଓ ଅସ୍ଥିଶଲ୍ୟ ବିଭାଗରେ ମାତ୍ର ଦୁଇଜଣ ଠିକା ଡାକ୍ତର ଅଛନ୍ତି। ଅସ୍ଥିଶଲ୍ୟ ବିଭାଗରେ ଡାକ୍ତର ନଥିବାରୁ ବହୁମୂଲ୍ୟ ସିଆର୍ଏମ୍ ମେସିନ ଅଚଳ ହୋଇପଡ଼ିଛି। ଆନାସନ୍ଥେସିଆ ବିଶେଷଜ୍ଞ ନଥିବାରୁ ରୋଗୀଙ୍କୁ ନିଶ୍ଚେତକ ଦେବାରେ ସମସ୍ୟା ସୃଷ୍ଟି ହେଉଛି। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୫ ଜଣ ବିଶେଷଜ୍ଞଙ୍କ ସ୍ଥାନରେ ମାତ୍ର ୨ ଜଣ ରହିଛନ୍ତି। ରେଡିଓଲୋଜି ଡାକ୍ତର ନଥିବାରୁ ଅଲଟ୍ରାସାଉଣ୍ଡ ପରୀକ୍ଷଣ ସମ୍ଭବପର ହୋଇପାରୁନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଅଲଟ୍ରାସାଉଣ୍ଡ ମେସିନ୍ ପଡ଼ିପଡ଼ି ଅଚଳ ହେବାରେ ଲାଗିଛି। ସେହିଭଳି ୩ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପଦବି ଖାଲି ପଡ଼ିଛି। ଚକ୍ଷୁ, ନାଶା ଓ ଗଳା ରୋଗ ବିଭାଗରେ ମାତ୍ର ଜଣେ ବିଶେଷଜ୍ଞ ଡାକ୍ତର ରହିଛନ୍ତି। ଚର୍ମ ରୋଗ ବିଶେଷଜ୍ଞ ମଧ୍ୟ ନାହାନ୍ତି। ବିଶେଷକରି ଯକ୍ଷ୍ମା ରୋଗ ବିଶେଷଜ୍ଞ ନଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବହୁ ମୂଲ୍ୟ ସିବିନେଟ୍ ଏବଂ ଟ୍ରୁନାକ୍ଟ ମେସିନ ଅବ୍ୟବହୃତ ହୋଇ ପଡ଼ି ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମାତ୍ର ଯକ୍ଷ୍ମା ରୋଗ ବିଶେଷଜ୍ଞ ଡାକ୍ତର ଥିଲେ। କିନ୍ତୁ ତାଙ୍କୁ ଡେପୁଟେସନରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି। ଫଳରେ ବିନା ଯକ୍ଷ୍ମାରୋଗ ବିଶେଷଜ୍ଞ ଡାକ୍ତରରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚାଲିଛି। ଅନ୍ୟପଟେ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନେ ପଡ଼ୋଶୀ ବ୍ରହ୍ମପୁର କିମ୍ବା କଟକ ବଡ଼ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଗରିବ ଶ୍ରେଣୀର ଲୋକ ଏହାର ମୂଲ୍ୟ ଦେଉଛନ୍ତି। ସରକାର ସ୍ୱାସ୍ଥ୍ୟ ସେବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରୁଥିବାବେଳେ କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ୱାସ୍ଥ୍ୟ ସେବାର ଚିତ୍ର କେତେ ଦୟନୀୟ ତାହା ଏହି ଚିତ୍ରରୁ ସ୍ପଷ୍ଟ। କନ୍ଧମାଳ ଭଳି ଏକ ଦୁର୍ଗମ ଓ ଆଦିବାସୀବହୁଳ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କେବେ ସ୍ୱାଭାବିକ ହେବ ତାହା ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ ପାଲଟିଛି। ଅନ୍ୟପଟେ, କନ୍ଧମାଳ ଜିଲ୍ଲାକୁ ଯେଉଁ ବିଶେଷଜ୍ଞ ଡାକ୍ତରମାନେ ଆସୁଛନ୍ତି, ସେମାନେ କାର୍ଯ୍ୟରେ ଯୋଗ ଦେଇ ପୁନର୍ବାର ଡେପୁଟେସନରେ କଟକ ଓ ଭୁବନେଶ୍ୱର ଚାଲି ଯାଉଛନ୍ତି। କନ୍ଧମାଳ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାମାନଙ୍କରେ ଡାକ୍ତର ନ ଥିବାରୁ ଗତକାଲି ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାର କନ୍ଧମାଳ ଜିଲ୍ଲା ପ୍ରତି ବିଶେଷ ଧ୍ୟାନ ଦେଇ ବିଶେଷଜ୍ଞ ଡାକ୍ତରମାନଙ୍କୁ ନିଯୁକ୍ତି ଦିଅନ୍ତୁ ବୋଲି ଦାବି ହୋଇଥିଲା। କନ୍ଧମାଳ ଜିଲ୍ଲାରେ କାର୍ଯ୍ୟ କରିବା ପାଇଁ ସରକାର ଉଚ୍ଚ ଦରମା ସହିତ ବହୁ ସୁବିଧା ସୁଯୋଗ ଯୋଗାଇ ଦେଉଥିବାବେଳେ ଡାକ୍ତରମାନେ ଏଠାରେ କାର୍ଯ୍ୟ କରିବାକୁ ରାଜି ନ ହେବା ଘଟଣା ଚିନ୍ତାର ବିଷୟ ବୋଲି ଖୋଦ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ କହିଛନ୍ତି।

## ଆପ୍ରୋଚ ରୋଡ଼ ନଥିବାରୁ କାମରେ ଲାଗୁନି ୧୧ କୋଟି ଟଙ୍କାର ପୋଲ

# ତିନି ବର୍ଷ ବିତିଗଲାଣି ନାହିଁ ସମାଧାନ, ଜମି ଅଧିଗ୍ରହଣ ନାଁରେ ଅଟକିଛି ଫାଇଲ



**ନିର୍ମାଣ ସରିଥିଲେବି ଯାତାୟତ କରିପାରୁ ନାହାନ୍ତି ଜନସାଧାରଣ**

**ସାଂସଦଙ୍କ ସମ୍ମୁଖରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ତହସିଲଦାର**




**ଧାମନଗର (ପିପିଏସ):** କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ପୋଲ ତିଆରି ହେଲା। ହେଲେ ଦୁଇ ପଟରେ ଆପ୍ରୋଚ୍ ରୋଡ଼ ହୋଇ ନପାରିବାରୁ ଦୀର୍ଘ ୩ ବର୍ଷ ହେବ ନିର୍ମାଣ ସରିଥିଲେ ମଧ୍ୟ ଅବ୍ୟବହୃତ ହୋଇ ପଡ଼ି ରହିଛି ଧାମନଗର ବ୍ଲକର ଲାଇଫଲାଇନ୍ କୁହାଯାଉଥିବା ଦୋବଲ-କୋରକଦା ଗେଙ୍ଗୁଟୀ ନଦୀର ଉଚ୍ଚ ସୋପାନ ସେତୁ। ପ୍ରତିବର୍ଷ ବୈତରଣୀର ଶାଖା ନଦୀ ଗେଙ୍ଗୁଟିରେ ବଡ଼ ବନ୍ୟା ଆସିଲେ ଏଠାରେ ଥିବା ପୁରୁଣା କଂକ୍ରିଟ ପୋଲଟି ବୁଡ଼ିଯାଏ। ଯାହା ଫଳରେ ୫ଟି ପଞ୍ଚାୟତ ବିଶେଷ କରି ଆନନ୍ଦପୁର, ପାହାଡ଼ପୁର, ଦକ୍ଷିଣକୁରୁଆ, କାଞ୍ଜିଆପାଳ, ଖଡ଼ିପଦା, ସୋହଡ଼ା, ଖଙ୍ଗରା, ଷେଣ୍ଢପୁର, ବେଦପୁର ଓ ସାପୁଆପାଟଣା ଅଞ୍ଚଳର ଲୋକ ବ୍ଲକ ହେଡକ୍ୱାର୍ଟରଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି। ତା ସହିତ ବନ୍ୟାବେଳେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଉପୁଜେ ବାଧା। ଏଭଳି ସମସ୍ୟା ନେଇ ଲୋକମାନେ ଧାମନଗରର ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ଗୁହାରି କରିଥିଲେ। ଗେଙ୍ଗୁଟିରେ ପୁରୁଣା ପୋଲ ନିକଟରେ ଆଉ ଗୋଟିଏ ଉଚ୍ଚ ପୋଲ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ ମୁକ୍ତିକାନ୍ତ। ୧୯୯୧ ମସିହା ପୂର୍ବରୁ କାଠ ପୋଲ ନିକଟରେ ହିଁ ନୂଆ କଂକ୍ରିଟ ପୋଲ ନିର୍ମାଣ ଲାଗି ଜାଗା ଚିହ୍ନଟ ହୋଇଥିଲା। ମୁକ୍ତି ବାବୁଙ୍କ ପ୍ରଚେଷ୍ଟାରେ ୨୦୧୮ ଜାନୁଆରି ୩୦ ତାରିଖରେ ଏହି ପୋଲ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପୋଲ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ୬୭ ଲକ୍ଷ ୫୫ ହଜାର ୨୪୭ ଟଙ୍କା ବ୍ୟୟ ବରାଦ ହୋଇଥିଲା। ତେବେ ଭଣ୍ଡାରିପୋଖରୀ ଅଞ୍ଚଳର ଯୁଧିଷ୍ଠିର ପରିଡ଼ା ଆଣ୍ଡ କମ୍ପାନୀ ୨୦ ପ୍ରତିଶତ କମ୍ ମୂଲ୍ୟରେ ପୋଲ ନିର୍ମାଣର ଠିକା ନେଇଥିଲେ। କମ୍ପାନୀ ପକ୍ଷରୁ ୨୦୧୮ ଶେଷାର୍ଦ୍ଧରେ କାମ ଆରମ୍ଭ ହୋଇ ୨୦୨୧ ସୁଦ୍ଧା ପୋଲର କଂକ୍ରିଟ କାମ ସବୁ ସରିଲା। ହେଲେ ଉଭୟ ପଟରେ ଅର୍ଥାତ ପୋଲର ଦକ୍ଷିଣରେ ଥିବା କୋରକଦା ଓ ଉତ୍ତରେ ଥିବା ଦୋବଲ ବଜାର ପଟେ ଆପ୍ରୋଚ ରୋଡ୍ ନିର୍ମାଣ ଅଟକିଥିବା ହେତୁ ଏହା ଲୋକାର୍ପଣ ହୋଇପାରୁ ନାହିଁ। ପୋଲର କରଦା ପଟେ ଆପ୍ରୋଚ ରୋଡ଼ ପାଇଁ ଜମି ଅଧିଗ୍ରହଣ ହୋଇଯାଇଛି। ହେଲେ ଜମି ଛାଡ଼ିଥିବା ଲୋକ ଜାଗା ଖାଲି କରୁନଥିବାରୁ ରାସ୍ତା ତିଆରି ହୋଇପାରୁନାହିଁ ରାସ୍ତା। ସେହିପରି ପୋଲର ଉତ୍ତର ପାର୍ଶ୍ୱରେ ଆପ୍ରୋଚ ରୋଡ଼ ପାଇଁ ଜମି ଛାଡୁନାହାନ୍ତି ଜମି ମାଲିକ। ଆପୋଷ କଥାବାର୍ତ୍ତାରେ ରାଜି ହେଉଥିଲେ ବି କୋର୍ଟରେ ମାମଲା କରି ଆପ୍ରୋଚ ରୋଡ଼ କାମକୁ ବନ୍ଦ କରିଦେଇଛନ୍ତି। ଫଳରେ ପୋଲର ନିର୍ମାଣ ସରିଥିଲେ ବି ଜନସାଧାରଣଙ୍କ କାମରେ ଲାଗୁନି। ପାଖରେ ସାଧନ ଥାଇ ବନ୍ୟାବେଳେ ହାଇରାଣ ହେଉଛନ୍ତି ଲୋକେ। ପୋଲକୁ କାର୍ଯ୍ୟକ୍ଷମ କରିବା ଲାଗି ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିବାରୁ କିଛି ମାସ ପୂର୍ବରୁ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଭଦ୍ରକ ଜିଲ୍ଲାପାଳଙ୍କୁ ସାଙ୍ଗରେ ନେଇ ଦୋବଲରେ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଓ ସାଂସଦ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହାସହ ଆପ୍ରୋଚ ରୋଡ଼ ନିର୍ମାଣ ଲାଗି ପୂର୍ତ୍ତକାଳୀନ ସମାଧାନ ବାହାର କରିବା ଲାଗି ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ତା ସତ୍ତ୍ୱେ ବି କଣ ପାଇଁ ଧାମନଗର ତହସିଲ କାର୍ଯ୍ୟାଳୟ ନିରବ ରହୁଥିବା ଦେଖିବାକୁ ମିଳିଛି।



# ରୋଜଗାର ଲୋଭ ଦେଖାଇ ସାଇବର ଠକେଇ

**ଭୁବନେଶ୍ୱର (ପିପିଏସ୍):** ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର ଲୋଭ ଦେଖାଇ ଲୁଟୁଛନ୍ତି ସାଇବର ଠକ। ବିଶେଷକରି ଭୁବନେଶ୍ୱର ଏବଂ କଟକରେ ଏଭଳି ଠକେଇ ଏବେ ବଢ଼ିବାରେ ଲାଗିଛି। କିଛିଦିନ ମଧ୍ୟରେ ଟ୍ୱିନ୍‌ସିଟିର ପ୍ରାୟ ୨୦ଜଣ ଏଭଳି ଠକାମିର ଶିକାର ହୋଇଥିବାବେଳେ ଋତୁପର୍ଣ୍ଣା ନାୟକ ନାମ୍ନୀ ଯୁବତୀ ହରାଇଛନ୍ତି ୧୭ ଲକ୍ଷ ଟଙ୍କା। ସେ ଏ ନେଇ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଟଙ୍କା ଯାଇଥିବା ଏକାଧିକ ଆକାଉଣ୍ଟକୁ ଯାଞ୍ଚ କରି ପୁଲିସ ଫ୍ରିଜ୍ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଋତୁପର୍ଣ୍ଣାଙ୍କ ନିକଟକୁ ପ୍ରିୟ ନାମକ ବ୍ୟକ୍ତି ଫୋନ୍ କରି ୟୁ-ଟ୍ୟୁବ୍‌ରୁ କିଭଳି ଟଙ୍କା ରୋଜଗାର କରିହେବ ସେ ସମ୍ପର୍କରେ କହିଥିଲେ। ଋତୁପର୍ଣ୍ଣାଙ୍କ ଏଥିରେ ଆଗ୍ରହ ରହିଥିବା ଦେଖି ୟୁ-ଟ୍ୟୁବ୍ ଭିଡିଓ ସେୟାର ଏବଂ ଲାଇକ୍ କଲେ ଦିନକୁ ୩ରୁ ୪ହଜାର ଟଙ୍କା ରୋଜଗାର କରିହେବ ବୋଲି ପ୍ରିୟ ସ୍ୱପ୍ନ ଦେଖାଇଥିଲେ। ପରେ ତାଙ୍କ ନିକଟକୁ ଏକ ଭିଡିଓ ପଠାଇ ଏହାକୁ ସେୟାର ଏବଂ ଲାଇକ୍ କରିବାକୁ କହିଥିଲେ। ଋତୁପର୍ଣ୍ଣା ଭିଡିଓ ଲାଇକ୍ ଏବଂ ସେୟାର କରିବା ପରେ ତାଙ୍କ ଆକାଉଣ୍ଟକୁ ୧୫୦ଟଙ୍କା ଆସିଥିଲା। ଏହାପରେ ରିତୁପର୍ଣ୍ଣାଙ୍କ ବିଶ୍ୱାସ ବଢ଼ିଥିଲା। ପରେ ସେ ପୁଣି ଆଉ ୩ଟି ଭିଡିଓକୁ ସେୟାର ଏବଂ ଲାଇକ୍ କରିବା ପରେ ପୂର୍ବଭଳି ତାଙ୍କ ଆକାଉଣ୍ଟକୁ ୧୫୦ଟଙ୍କା ଲେଖାଏ ଆସିଥିଲା। ଏଭଳି ଟଙ୍କା ଆସିବା ପରେ ଋତୁପର୍ଣ୍ଣାଙ୍କ ବିଶ୍ୱାସ ଦୃଢ଼ ହେବା ସହ ସାଇବରଙ୍କ ଠକେଇ ଜାଲ ତାଙ୍କୁ ଘେରିସାରିଥିଲା। ଏହାପରେ ସେମାନଙ୍କ କହିବା ଅନୁଯାୟୀ ଋତୁପର୍ଣ୍ଣା ୧ହଜାର ଟଙ୍କା ଲଗାଇ ୨ହଜାର ଟଙ୍କା ପାଇବାକୁ ବିଶ୍ୱାସ ରଖି ଆଗକୁ ବଢ଼ିଥିଲେ। ୨ହଜାର ଟଙ୍କା ମଧ୍ୟ ତାଙ୍କ ଆକାଉଣ୍ଟକୁ ଆସିଥିଲା। ଏହିଭଳି ପରେ ସେ ୧୮ ହଜାର ଏବଂ ଏକ ଲକ୍ଷ ଟଙ୍କା ଲଗାଇଥିଲେ। ଏଥର ସମ୍ପୂର୍ଣ୍ଣ ଠକେଇ ଜାଲରେ ଫସିଥିବା ଋତୁପର୍ଣ୍ଣା ୧୭ ଲକ୍ଷ ଟଙ୍କା ଲଗାଇ ଦେଇଥିଲେ। ସର୍ତ୍ତ ଅନୁଯାୟୀ ଟଙ୍କା ନେବା ପରେ ତାଙ୍କୁ ସୁଧମୂଳ କରି ଡବଲ ଦେବା ବଦଳରେ ଫୋନ୍ ବନ୍ଦ କରିଦେଇଥିଲେ। ବାରମ୍ବାର ଫୋନ୍ କରି ନିରାଶ ହେବା ପରେ ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ ଋତୁପର୍ଣ୍ଣା।

# ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସର ଜୋରଦାର ଚଢ଼ଉ



**ଭୁବନେଶ୍ୱର (ପିପିଏସ୍):** ଲୋକଙ୍କ ସୁରକ୍ଷା ପାଇଁ ସଜାଗ ହେଲା କମିଶନରେଟ ପୁଲିସ। ଏନେଇ ଡିସିପି ପ୍ରତୀକ ସିଂହ କହିଛନ୍ତି, ରାଜଧାନୀ ଭୁବନେଶ୍ୱରରେ ସେଫ ସିଟି ଡ୍ରାଇଭକୁ ବ୍ୟାପକ କରାଯାଇଛି। ନିଶା ଚାଲାଣ ଓ ଅପରାଧ ରୋକିବା ପାଇଁ ଚେକିଂ ଓ ବ୍ଲକିଙ୍ଗ ଜୋରଦାର କରାଯାଇଛି। ରାଜଧାନୀର ନାଲକୋ ଛକ, ଝାରପଡା, ପୁରୁଣା ଷ୍ଟେସନ ବଜାର, ରବି ଟକିଜ, ୟୁନିଟ ୬ ହସ୍ପିଟାଲ ଛକରେ ଚେକିଂ ଚାଲିଛି। ଏହାଛଡ଼ା ରାମମନ୍ଦିର ଛକ, ଷ୍ଟୁଆର୍ଟ ସ୍କୁଲ ଛକ, ଜାଗମରା ଓ କଳିଙ୍ଗ ଷ୍ଟୁଡିଓ ଛକରେ ମାରାଥନ ଚେକିଂ କରିଛି ପୁଲିସ। ଡିସିପି ଆହୁରି କହିଛନ୍ତି, ରାଜଧାନୀରେ ଥିବା ବାର, ପବରେ ଚଢଉ ପରେ ଛକ ବଜାରରେ ଚେକିଂ କରାଯାଉଛି। ସହରକୁ ଅପରାଧମୁକ୍ତ କରିବା ପାଇଁ ଚାଲିଛି 'ସେଫ ସିଟି ଡ୍ରାଇଭ'। ଆଗକୁ ମଧ୍ୟ ଏଭଳି ଚେକିଂ ଓ ବ୍ଲକିଙ୍ଗ କୁ ବ୍ୟାପକ କରାଯିବ। ହୋଟେଲରୁ ମଧ୍ୟ ଯାତ୍ରୀଙ୍କ ସମ୍ପର୍କରେ ତଥ୍ୟ ନିଆଯାଉଛି। କୌଣସି ସନ୍ଦିଗ୍ଧଙ୍କ ସମ୍ପର୍କରେ ସୂଚନା ପାଇଲେ ନିକଟସ୍ଥ ଥାନାକୁ ଜଣାଇବାକୁ ଅନୁରୋଧ କରୁଛୁ।

# କଂଗ୍ରେସ ଭବନରେ ସେବାଦଳ କର୍ମକର୍ତ୍ତା ସମ୍ମିଳନୀ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ପ୍ରଦେଶ କଂଗ୍ରେସ ଦେବାଦଳ ପକ୍ଷରୁ ରବିବାର କଂଗ୍ରେସ ଭବନଠାରେ କଂଗ୍ରେସ ସେବାଦଳର ଜିଲ୍ଲା କର୍ମକର୍ତ୍ତା ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ କହିଥିଲେ ଯେ, କଂଗ୍ରେସ ସେବାଦଳର ଏକ ଗୌରବମୟ ଇତିହାସ ରହିଛି। ସେହି ଇତିହାସର ମୂକସାକ୍ଷୀ ଭାବେ ଉପସ୍ଥିତ ସମସ୍ତ କଂଗ୍ରେସ ସେବାଦଳର କର୍ମକର୍ତାମାନେ ଆଗାମୀ ନିର୍ବାଚନରେ ନିଜ ନିଜ ଅଞ୍ଚଳରେ ଜଣେ ଜଣେ ସେନାପତିର ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଖୁବ୍‌ଶୀଘ୍ର ପ୍ରତ୍ୟେକ ବ୍ଲକରୁ ଜଣେ ଜଣେ କର୍ମକର୍ତ୍ତାଙ୍କୁ ନେଇ ଏକ ରାଜସ୍ତରୀୟ ଶିବିର ଅନୁଷ୍ଠିତ ହେବ। ରାଜ୍ୟର ପ୍ରତ୍ୟେକ ବୁଥ୍‌ରେ ଜଣେ ଜଣେ ସେବାଦଳ କର୍ମୀଙ୍କୁ ମନୋନିତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟିର ପ୍ରଚାର କମିଟିର ଅଧ୍ୟକ୍ଷ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ କହିଲେ ଯେ, ପୂର୍ବଦିନଗୁଡ଼ିକରେ କଂଗ୍ରେସ ସେବାଦଳର କାର୍ଯ୍ୟକ୍ରମକୁ ଯେଭଳି ଗୁରୁତ୍ୱ ଦିଆଯାଉଥିଲା, ଆଗାମୀ ଦିନରେ ସେହିଭଳି ଗୁରୁତ୍ୱ ଦିଆଯିବ ଓ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସଭାପତିତ୍ୱ ସମୟରେ ଯେଭଳି ଭାବରେ ସେବାଦଳର କର୍ମୀମାନେ ସାଇକଲରେ ସାରା ଓଡ଼ିଶାର ୧୮ ଶହ କିଲୋମିଟର ଯାତ୍ରା କରି ସରକାର ବିରୁଦ୍ଧରେ ୧ ଲକ୍ଷ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ଆଗାମୀ ଦିନରେ ସେବାଦଳ କର୍ମକର୍ତ୍ତାଙ୍କୁ ସେହି କାର୍ଯ୍ୟରେ ପୁନଃ ବିନିଯୋଗ କରାଯିବ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ ରାଉତରାୟ, ପଞ୍ଚାନନ କାନୁନଗୋ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଶିବାନନ୍ଦ ରାୟ ପ୍ରମୁଖ ସେବା ଦଳର ଉଦ୍ଦେଶ୍ୟ ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ।

# ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳ ଲାଇନର ଅଧା କାମ ଶେଷ

**ଭୁବନେଶ୍ୱର (ପିପିଏସ୍):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗରେ ଭଦ୍ରକ ଓ କଟକ ରେଳ ଷ୍ଟେସନ ମଧ୍ୟରେ ୩ୟ ଲାଇନ ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୫୦ ପ୍ରତିଶତରୁ ଅଧିକ ସମାପ୍ତ ହୋଇଛି। ହରିଦାସପୁର ଓ ବୈରୀ ମଧ୍ୟରେ ୧୬.୮୦ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ୨୦୨୩ ଜୁନ ଶେଷ ସପ୍ତାହ ଶେଷ ସୁଦ୍ଧା ସମାପ୍ତ କରିବାକୁ ଧାର୍ଯ୍ୟ ହୋଇଥିବା ବେଳେ ମେ ପ୍ରଥମ ସପ୍ତାହରେ ଶେଷ ହୋଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ପୂର୍ବତଟ ରେଳପଥ ସମୀକ୍ଷା କାର୍ଯ୍ୟ ଜାରି ରଖିଥିଲେ। ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳ ଲାଇନ କାର୍ଯ୍ୟ ଏହି ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ। ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗରେ ଅସୁବିଧାଜନକ ଟ୍ରେନ୍ ଚଳାଚଳକୁ ଏଡ଼ାଇ ଦିଆଯାଇ ପାରିବେ।

# ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟକୁ ୧୦ ଗାଁର ଲୋକଙ୍କ ବିରୋଧ



**ଭୁବନେଶ୍ୱର (ପିପିଏସ୍):** ଶିଖରଚଣ୍ଡୀ ମନ୍ଦିର ସହ ଆଖପାଖ ଅଞ୍ଚଳର ଉନ୍ନତୀକରଣ ହେଉ। ସୌନ୍ଦର୍ଯ୍ୟୀକରଣ କରାଯାଉ। ବିକାଶକୁ ଆମେ ସବୁବେଳେ ସମର୍ଥନ ଦେଇ ଆସିଛୁ। ମାତ୍ର ବିକାଶ ନାଁରେ ପାହାଡ଼ ବିନାଶକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଜୋରଦାର ଆନ୍ଦୋଳନ ହେବ। ସବୁଜିମାରେ ଭରପୂର ଶିଖରଚଣ୍ଡୀ ପାହାଡ଼ର ସୁରକ୍ଷା ଲାଗି ଆଗାମୀ ଦିନରେ ୫ ହଜାର ଲୋକଙ୍କ ସ୍ୱର ଉଠିବ। ଶହଶହ ଗ୍ରାମବାସୀ ଏକାଠି ହୋଇ ଶିଖରଚଣ୍ଡୀ ପାହାଡ଼କୁ ସୁରକ୍ଷା ଦେବେ। ଶିଖରଚଣ୍ଡୀ ପାହାଡ଼ ସଂଲଗ୍ନ ହନୁମାନ ପାହାଡ଼ ଉପରେ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ବିରୋଧରେ ଏଭଳି ସ୍ୱର ଉଠାଇଛନ୍ତି ଆଖାପାଖ ଗାଁ ଲୋକେ। ଆଜି ଶିଖରଚଣ୍ଡୀ ମନ୍ଦିରରେ ଏକାଠି ହୋଇ ଜୈବବିବିଧତା ନଷ୍ଟ ବିରୋଧରେ ସ୍ୱର ଉଠାଇଛନ୍ତି। ଏଥିସହ ଆସନ୍ତା ୩୦ ତାରିଖରେ ୧୦ଟି ଗାଁର ଗ୍ରାମବାସୀଙ୍କୁ ନେଇ ମହାସମାବେଶ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। 'ମା ଶିଖରଚଣ୍ଡୀ ପାହାଡ଼ ବଞ୍ଚାଅ ଅଭିଯାନ' ନାଁରେ ଆଞ୍ଚଳିକ ଶିଖରଚଣ୍ଡୀ ସମିତି ପକ୍ଷରୁ ଏହି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ପଥରଗାଡ଼ିଆ, ଦାରୁଠେଙ୍ଗ, ଚନ୍ଦକା, କଳାରାହାଙ୍ଗ, ଯୋଗିସାହି ପଟିଆ, ରଘୁନାଥପୁର ଗ୍ରାମର ଅଳ୍ପ କିଛି ବରିଷ୍ଠ ନାଗରିକ ଓ ଯୁବକ ସାମିଲ ହୋଇଥିଲେ। ସମିତି ପକ୍ଷରୁ କୁହାଯାଇଛି ଯେ ଶିଖରଚଣ୍ଡୀ ମନ୍ଦିର ଏକ ପୁରାତନ ଧର୍ମାନୁଷ୍ଠାନ। ଆମ ଅଞ୍ଚଳର ଇଷ୍ଟଦେବୀ। ପାଇକମାନେ ଏଠାରୁ ଇଂରେଜମାନଙ୍କ ବିରୋଧରେ ମହାସଂଗ୍ରାମ ଆରମ୍ଭ କରିଥିଲେ। ଗତ ୧୦ ବର୍ଷ ଭିତରେ ଶିଖରଚଣ୍ଡୀ ପାହାଡ଼ର ବହୁ ପରିମାଣରେ ବିକାଶ ହୋଇଛି। ମାତ୍ର ଏବେ ବିନା ଜନଶୁଣାଣି, ପଲ୍ଲୀସଭାରେ ପାହାଡ଼ କାଟି ନଷ୍ଟ କରାଯାଉଛି। ଗଛ ଶୂନ୍ୟ ହୋଇଯାଇଛି ହନୁମାନ ପାହାଡ଼। ଯୁଆଡ଼େ ଚାହିଁଲେ ଖାଲି ପଥର ଦେଖିବାକୁ ମିଳୁଛି। ପ୍ରାକୃତିକ ସମ୍ପଦକୁ ନଷ୍ଟ କରି ଅଟ୍ଟାଳିକା ଛିଡ଼ା କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇଛି। ସେମାନେ ଆହୁରି କହିଛନ୍ତି ଯେ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ଲାଗି ସହରରେ ଜାଗାର ଅଭାବ ନାହିଁ। ହେଲେ ପାହାଡ଼କୁ କାଟି ଦେବା ଦ୍ୱାରା ଅଞ୍ଚଳର ପରିବେଶ ଓ ଜୈବ ବିବିଧତା ନଷ୍ଟ ହେବାକୁ ବସିଲାଣି। ପାହାଡ଼ର ସୁରକ୍ଷା ପାଇଁ କିଭଳି ଲଢ଼େଇ କରାଯିବ, ସେନେଇ ଆସନ୍ତା ୩୦ ତାରିଖରେ ନିଷ୍ପତ୍ତି ନିଆଯିବ। ବିକାଶ କାର୍ଯ୍ୟକୁ ଆମେ କେବେ ବି ବିରୋଧ କରିନୁ। ଅନେକ ଶିକ୍ଷାନୁଷ୍ଠାନ, ଆଇଟି କମ୍ପାନି ଏଠାରେ ପ୍ରତିଷ୍ଠା ହୋଇଛି। ଆମେ ସହଯୋଗ କରିଥିଲୁ। ହେଲେ ଆଖି ଆଗରେ ଆମ ମା'ଙ୍କୁ କିଏ କାଟିବ ଆମେ ବରଦାସ୍ତ କରିବୁ ନାହିଁ। ବିକାଶ ହେଉ। ମାତ୍ର ପରିବେଶର ବିନାଶ କରା ନ ଯାଉ।

# ହଟୁନି ଜବରଦଖଲ, ବଢୁଛି ଟ୍ରାଫିକ୍ ସମସ୍ୟା

**ଭୁବନେଶ୍ୱର (ପିପିଏସ୍):** ସ୍ଥାନୀୟ ଗ୍ୟାରେଜ୍ ଛକରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ପ୍ରତିଦିନ ଲୋକେ ଟ୍ରାଫିକ୍ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହୋଇଆସୁଛି। ଏଠି ଟ୍ରାଫିକ୍ ପୋଷ୍ଟ ଅଛି, ହେଲେ ସିଗ୍ନାଲ୍ ନାହିଁ। ଟ୍ରାଫିକ୍ ପୁଲିସ୍ କେବେ ରହନ୍ତି ତ କେବେ ନ ଥାଆନ୍ତି। ଫଳରେ ବହୁ ସମୟରେ ଗାଡ଼ିସବୁ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଦୁର୍ଘଟଣା ବି ଘଟୁଛି। ପୁରୁଣା ଭୁବନେଶ୍ୱରରେ ବହୁ ଛକର ଅବସ୍ଥା ଏମିତି। ବହୁ ଛକରେ ଜବରଦଖଲ ଏଭଳି ସମସ୍ୟା ସୃଷ୍ଟି କରୁଛି। ହେଲେ ଜବରଦଖଲ ହଟିପାରୁନି କି ଲୋକେ ଟ୍ରାଫିକ୍ ଭିଡ଼ରୁ ମୁକ୍ତି ପାଉନାହାନ୍ତି। ରାଜଧାନୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଛକ ହେଉଛି ରବି ଟକିଜ୍ ଛକ। ପ୍ରତିଦିନ ହଜାର ହଜାର ଲୋକ ଏହି ଛକ ଦେଇ ଯାଇଥା'ନ୍ତି। ପୂର୍ବ ପଟେ ରାଧାକୃଷ୍ଣନଗରର ୬ଶହରୁ ଉର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଯିବା ଆସିବାରେ ବଡ଼ ସମସ୍ୟା ଭୋଗୁଛନ୍ତି।

ସେଠାରେ ଥିବା କେନାଲ ବ୍ରିଜ୍ ପାର୍ ହୋଇ ରାଧାକୃଷ୍ଣନଗରକୁ ପ୍ରବେଶ ବେଳେ ଜବରଦଖଲ ଓ ବିଦ୍ୟୁତ୍ ଖୁଣ୍ଟ ସମସ୍ୟା କରିଛି। ବଡ଼ କଥା ହେଉଛି ଏଠାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯାଇପାରେ ନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ସରକାରୀ ଜମିରେ ଜବରଦଖଲ ହୋଇଛି। ତେଣୁ ରାସ୍ତା ସଂକୁଚିତ ହୋଇପଡ଼ିଛି। ସେହିଭଳି ଗ୍ୟାରେଜ୍ ଛକକୁ ବ୍ୟବସ୍ଥିତ କରାଯାଇପାରିନାହିଁ। ଏହି ଛକରେ ଟ୍ରାଫିକ୍ ସିଗ୍ନାଲ୍ ଲାଗିଥିଲେ ମଧ୍ୟ କାମ କରୁନାହିଁ। ତେଣୁ ଟ୍ରାଫିକ୍ ପୁଲିସ କେବଳ ହାତ ହଲାଇ ଇସାରା କରୁଛନ୍ତି। ଅନେକ ସମୟରେ ଟ୍ରାଫିକ୍? ପୁଲିସଙ୍କ ନିର୍ଦ୍ଦେଶକୁ ବୁଝି ନ ପାରି ଗାଡ଼ି ଚାଳକମାନେ ଜଟିଳ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଅନ୍ୟପଟେ ବହୁ ରାସ୍ତାର ଦୁଇ ପାଖରେ ରାସ୍ତା ଅଧାରୁ ଅଧିକ ଜାଗା ମାଡ଼ି ବସି ଗାଡ଼ି ପାର୍କିଂ କରାଯାଉଛି। ଫଳରେ ଟ୍ରାଫିକ୍? ଭିଡ଼ ଅସମ୍ଭାଳ ହୋଇପଡୁଛି। ଏନେଇ ସ୍ଥାନୀୟ ଅଧିବାସୀ ତନୟା ଦାସ ଗୋସ୍ୱାମୀ କୁହନ୍ତି ମୁଖ୍ୟ ରାସ୍ତାରୁ ଜବରଦଖଲ ଓ ବିଦ୍ୟୁତ୍ ଖୁଣ୍ଟ ନ ହଟିବା କାରଣରୁ ସମସ୍ୟା ହେଉଛି। ସେହିଭଳି ସ୍ଥାନୀୟ ଅଧିବାସୀ ଶୁଭେନ୍ଦୁ କୁମାର ମଲିକ କୁହନ୍ତି ଗ୍ୟାରେଜ୍ ଛକ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରାଯିବା ଉଚିତ।

# ଗଞ୍ଜେଇ ଜବତ, ୨ ଅଣଓଡ଼ିଆ ଗିରଫ


**ଭୁବନେଶ୍ୱର(ପିପିଏସ୍):** ଚଳିତବର୍ଷ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଓଡ଼ିଶା ଶାଖାକୁ ପ୍ରଥମ ସଫଳତା ମିଳିଛି। ପୁଣି ପୁଷ୍ପା ଶୈଳୀରେ ହେଉଥିଲା ଗଞ୍ଜେଇ ଚାଲାଣ। ରବିବାର ରସୁଲଗଡ଼ ଛକରେ ଟ୍ରକରୁ ୨୭୩ କିଲୋ ଗଞ୍ଜେଇ ଜବତ କରିଛି ଏନ୍‌ସିବି। ଝାଡ଼ଖଣ୍ଡର ୨ ଆନ୍ତଃରାଜ୍ୟ ମାଫିଆ ଗିରଫ କରାଯାଇଛି। ସେମାନଙ୍କ ଅଟକ ରଖି ଯାଇ ଜେରା କରାଯାଉଛି। ଜବତ ଗଞ୍ଜେଇ ମୂଲ୍ୟ ୨୮ ଲକ୍ଷ ହେବ ବୋଲି ଏନ୍‌ସିବି ପକ୍ଷରୁ କୁହାଯାଇଛି। ଗିରଫ ଦୁଇ ଆନ୍ତଃରାଜ୍ୟ ମାଫିଆ ଗଞ୍ଜେଇ ନେଇ ଓଡ଼ିଶା ଆସିଥିଲେ। ଝାଡ଼ଖଣ୍ଡ ଗଲା ବେଳେ ଗଞ୍ଜେଇ ନେଇ ଯିବାକୁ ଯୋଜନା କରିଥିଲେ। ବୌଦ୍ଧ ମନମୁଣ୍ଡାରୁ ଭୁବନେଶ୍ୱର ଦେଇ ଝାଡ଼ଖଣ୍ଡ ଯାଉଥିଲା ଗଞ୍ଜେଇ। ଚାଳକ କ୍ୟାବିନ୍ ପଛପଟେ ଏକ ସ୍ୱତନ୍ତ୍ର ଚାମ୍ବର ନିର୍ମାଣ କରାଯାଇଥିଲା। ଚଳଚ୍ଚିତ୍ର ପୁଷ୍ପା ଶୈଳୀରେ ଓଡ଼ିଶାରୁ ଗଞ୍ଜେଇ ଝାଡ଼ଖଣ୍ଡର ଧାନବାଦକୁ ଚାଲାଣ କରାଯାଉଥିଲା। ସ୍ପେଶାଲ ଚାମ୍ବରରେ ଗଞ୍ଜେଇ ଭର୍ତ୍ତିକରି ଝାଡ଼ଖଣ୍ଡ ନେଉଥିଲେ। ଗୋଟିଏ ପରେ ଗୋଟିଏ ଜିଲ୍ଲା ପିଛା କରିବା ପରେ ରସୁଲଗଡ଼ ଛକରେ ସନ୍ଦେହଜନକ ଅବସ୍ଥାରେ ଟ୍ରକକୁ ଅଟକା ଯାଇଥିଲା। ଟ୍ରକକୁ ଯାଞ୍ଚ କରିବାରୁ ବାହାରିଥିଲା ପୁଳାପୁଳା ଗଞ୍ଜେଇ। ଚାଳକ କ୍ୟାବିନ୍ ପଛପଟେ ପୂରା ଗଞ୍ଜେଇ ଭର୍ତ୍ତି କରିଥିଲେ। ସେହିପରି ଝାଡ଼ଖଣ୍ଡର ୨ ଆନ୍ତଃରାଜ୍ୟ ମାଫିଆ ସନ୍ଦେହଜନକ ନେଟୱାର୍କକୁ ନଜରରେ ରଖାଯାଇଥିଲା। ସନ୍ଦିଗ୍ଧମାନେ କିଛି ସମୟ ପାଇଁ ଏନ୍‌ସିବି ରାଡାରରେ ରହିଥିଲେ। ଏହିକ୍ରମରେ ଏନ୍‌ସିବି ଓଡ଼ିଶାରେ ଗଞ୍ଜେଇ ଓ ବ୍ରାଉନସୁଗର ସିଣ୍ଡିକେଟ୍ ଖୋଳତାଡ଼ କରାଯାଉଛି। ୨୦୨୦ ମସିହା ଠାରୁ ଆଜି ଯାଏଁ ଭୁବନେଶ୍ୱରରେ ୮୯୮୩ କିଲୋ ଗଞ୍ଜେଇ, ୨୮.୨ କିଲୋ ଅଫିମ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ୫୩ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ସେଭଳି ନାର୍କୋଟିକ୍ ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜୟଦେବ ଭବନରେ ଆଶ୍ରୟର ୧୩ତମ ସ୍ୱନକ୍ଷତ୍ର




**ଭୁବନେଶ୍ୱର(ପିପିଏସ୍):** ଓଡ଼ିଆ ପତ୍ରିକା 'ଆଶ୍ରୟ' ର ୧୩ତମ ସ୍ୱର୍ଣ୍ଣକ୍ଷତ୍ର ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇନ ବିଷୟବସ୍ତୁ, ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ସହ ଦିବ୍ୟାଙ୍ଗମାନେ କିଭଳି ଆଇନଗତ ସହାୟତା ଠିକ୍ ଭାବେ ପାଇପାରିବ ସେ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଶ୍ରୟର ପ୍ରତିଷ୍ଠାତା ତଥା ସମ୍ପାଦକ ଲୋକନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଦାଶ ବେନେହୁର, ସମାଜସେବୀ ଭୁପେନ୍ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ତଥା ସାହିତ୍ୟିକ ରାଜକିଶୋର ଦାଶ, କବୟିତ୍ରୀ ବନ୍ଦନା ପଣ୍ଡା, ସାହିତ୍ୟିକା ଇନ୍ଦିରା ଦାଶ, ସଂଗଠନ ମାନସ ରଞ୍ଜନ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ଦିବ୍ୟାଙ୍ଗମାନେ ନିଜ ନିଜ ସମସ୍ୟା ଓ ଏହାର ସମାଧାନ ଉପରେ ମତ ଦେଇଥିଲେ। ଏହି ଅବସରରେ ସମ୍ବାଦପତ୍ର ଆଶ୍ରୟର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ 'ଆଶ୍ରୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଶେଷରେ ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ନାହାକ, ରାମକୃଷ୍ଣ ମହାରଣା, ବିଭୁଦତ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଟେରାକୋଟା ପ୍ରଦର୍ଶନୀ ଶିବିର ଉଦ୍‌ଯାପିତ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ସହଯୋଗରେ ୭ଦିନିଆ ଟେରାକୋଟା ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ସୋନପୁରର କୁମ୍ଭାରପଡ଼ାଠାରେ ଆୟୋଜିତ ପାରମ୍ପରିକ ଟେରାକୋଟା ଶିବିରକୁ ଆସିଥିବା ସାମଗ୍ରୀରେ ସୋନପୁରର ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ଆଧୁନିକ ସମୟର ତାଳରେ ଟେରାକୋଟା ଶିଳ୍ପୀ ନିଜ କଳାକୃତିରେ ସମ୍ୟକ୍ ପରିବର୍ତ୍ତନ ସହିତ ସେଗୁଡ଼ିକୁ ଦୈନନ୍ଦିନ ବ୍ୟବହାର ଯୋଗ୍ୟ କରିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଦର୍ଶନୀରେ ଶିଳ୍ପୀମାନଙ୍କ ଦ୍ୱାରା ସୋନପୁର ପ୍ରସିଦ୍ଧ ଟେରାକୋଟା ଘୋଡ଼ା, ହାତୀ, ଲଙ୍କାପୋଡ଼ି ହନୁମାନ, ଟେରାକୋଟା ଖପର ଉପରେ ବିଭିନ୍ନ ପଶୁ ପକ୍ଷୀ ଆକାର, ଗଛରେ ପରିବେଶ ସଚେତନତାର ବାର୍ତ୍ତା, ପଞ୍ଚମୁଖୀ ହନୁମାନ, ବିଭିନ୍ନ ମୁଖାକୃତି, ଦୀପ ଷ୍ଟାଣ୍ଡ, ଘରର ଆସବାବପତ୍ର, ଝୁମର୍ ଓ ଟେରାକୋଟା ରିଲିଫ୍‌ରେ ପ୍ରସିଦ୍ଧ ଲଙ୍କେଶ୍ୱରୀ ମନ୍ଦିର ଓ ମହାନଦୀର ଦୃଶ୍ୟ ଖୁବ୍ ସୁନ୍ଦର୍ ଭାବରେ ପ୍ରତିଫଳିତ ହୋଇଥିଲା। ଯାହାକି ସୋନପୁରର ସଂସ୍କୃତି ଓ ପରମ୍ପରାକୁ ଦର୍ଶାଇଥିଲା। ଆଗାମୀ ଦିନରେ ଏହି କଳାକୃତି ଭୁବନେଶ୍ୱର ତଥା ବିଭିନ୍ନ ଜିଲ୍ଲା ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ କରାଯିବ ବୋଲି ସଚିବ ମତ ପ୍ରକାଶ କରିଥିଲେ। ଉତ୍ସବ ଅବସରରେ ଅତିଥିମାନେ ଏକାଡେମୀ ପକ୍ଷରୁ ଅଂଶଗ୍ରହଣକାରୀ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ୧୦ହଜାର ଟଙ୍କାର ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁରର ବିଶିଷ୍ଟ ବାଦ୍ୟଶିଳ୍ପୀ, ସନ୍ଥକବିର ଜାତୀୟ ପୁରସ୍କାରପ୍ରାପ୍ତ ପ୍ରହଲ୍ଲାଦ ମେହେର, ସୁବର୍ଣ୍ଣପୁରର ହସ୍ତଶିଳ୍ପ ବିଭାଗର ପ୍ରୋଗ୍ରାମ ଅଫିସର ଦେବାଶିଷ ମିଶ୍ର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ଶିଳ୍ପୀ ମାନଙ୍କର କଳାକୃତିର ପ୍ରଶଂସା କରିଥିଲେ। ଏକାଡେମୀର କାର୍ଯ୍ୟକାରୀ ସମିତି ସଦସ୍ୟ ଶ୍ୟାମ ସୁନ୍ଦର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ଯୁବ ଡାକ୍ତରଙ୍କ ମୃତ୍ୟୁ

**ଭୁବନେଶ୍ୱର (ପିପିଏସ୍):** ଦୁର୍ଘଟଣାରେ ଚାଲିଗଲା ନବବିବାହିତ ଡାକ୍ତରଙ୍କ ଜୀବନ। ଆଉ ଅଧାରେ ଅଟକିଗଲା ବିବାହର ୩ ମାସିକ ପୂର୍ତ୍ତି ପାଳନର ଖୁସି। ଖଣ୍ଡଗିରି ଥାନା ଫାୟାର ଷ୍ଟେସନ ଛକରେ ଏଭଳି ଛାତିଥରା ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଡାକ୍ତରଙ୍କ ମୃତ୍ୟୁ ହୋଇଛି। ମୃତ ଡାକ୍ତର ମନୋଜ କୁମାର ଓନ୍‌ଙ୍କାର। ଘର ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀ ଲେନ୍-୨। ବିବାହର ୩ ମାସିକ ପୂର୍ତ୍ତି ପାଳନ କରିବାକୁ କଟକ ଯାଉଥିବା ବେଳେ ଫାୟାର ଷ୍ଟେସନ ଛକରେ ଜଗି ବସିଥିଲା ଯମ। ରବିବାର ତାଙ୍କର ବିବାହର ୩ ମାସିକ ପୂର୍ତ୍ତି ପାଳନ ଲାଗି କଟକରେ ରହୁଥିବା ଡାକ୍ତରାଣୀ ପତ୍ନୀଙ୍କ ସରପ୍ରାଇଜ୍ ଦେବାକୁ ଯାଉଥିଲେ। ଫାୟାର ଷ୍ଟେସନ ଛକରେ ଡିଭାଇଡରରେ ପିଟି ହୋଇ ମନୋଜ କୁମାରଙ୍କ ମୃତ୍ୟୁ ହୋଇଛି।

ମିଳିଥିବା ଅନୁସାରେ ଭୁବନେଶ୍ୱରରେ ରହୁଥିବା ଡାକ୍ତର ମନୋଜ କୁମାର ଗତ ଫେବୃଆରି ୨୮ ତାରିଖରେ ଡାକ୍ତରାଣୀ ସୁଶ୍ରୀ ସଂଗୀତାଙ୍କୁ ଖଣ୍ଡଗିରି କୋଳଥିଆ ଠାରେ ବେଶ ଧୁମଧାମରେ ବିବାହ କରିଥିଲେ। ରବିବାର ଅର୍ଥାତ୍ (ମେ' ୨୮ ତାରିଖ)ରେ ଉଭୟ ଡାକ୍ତର ଦମ୍ପତି ବିବାହର ତ୍ରୟମାସିକ ପୂର୍ତ୍ତି ପାଳନ କରିଥାନ୍ତେ। ଏଥିପାଇଁ ଡାକ୍ତର ମନୋଜ କୁମାର କାର୍ଯ୍ୟ ସାରି କଟକରେ ରହୁଥିବା ପତ୍ନୀଙ୍କୁ ସରପ୍ରାଇଜ ଦେବାକୁ ଯାଉଥିଲେ। ଭୁବନେଶ୍ୱରର ଫାୟାର ଷ୍ଟେସନ ଛକରେ ଡାକ୍ତର ମନୋଜ ଦୁର୍ଘଟଣାର ସାମ୍ନା କରିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଭରତପୁର ଥାନା ଅଞ୍ଚଳରେ ଥିବା ଏକ ହସ୍ପିଟାଲରେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ।

# ହାର୍ଡୱେର ଦୋକାନରୁ ଚୋରି

**ଭୁବନେଶ୍ୱର (ପିପିଏସ୍):** ବାଡ଼ ଖାଉଥିଲା କ୍ଷେତ। କର୍ମଚାରୀ ଦୋକାନରୁ ଲୁଟ୍ କରି ଅନ୍ୟ ଜଣେ ଦୋକାନ ମାଲିକଙ୍କୁ ବିକ୍ରି କରୁଥିଲେ ଲୁଟ୍ ସାମଗ୍ରୀ। ଏମିତି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ପୁରୀ ବଳଙ୍ଗାର ମହେନ୍ଦ୍ର କୁମାର ଆଚାର୍ଯ୍ୟ(୪୬) ଓ ପୁରୀ ଜିଲ୍ଲା ପିପିଲିର ପବିତ୍ର କୁମାର ସେଠୀ(୪୦)। ପୁଲିସର କହିବା କଥା, ଦିନେଶ କୁମାର ଗୁପ୍ତାଙ୍କର କଟକ ରୋଡରେ ଶ୍ରୀହନୁମାନ ସାନିଟେସନ ଗୋଦାମ ରହିଛି। ଅଭିଯୁକ୍ତ ମହେନ୍ଦ୍ର ସେଠାରେ ଗତ ୧୫ ବର୍ଷ ହେବ ସେଠାରେ କାମ କରିବା ସହ ଗୋଦାମରେ ଷ୍ଟକ୍ ସହିତ କାରବାର କରି ଆସୁଥିଲେ। କିଛି ମାସରୁ ଦିନେଶ ତାଙ୍କ ଷ୍ଟକ୍ ଅଭାବ ଓ ଏହାର କ୍ଷତି ହେବାର ଅନୁଭବ କରୁଥିଲେ। ଏଣୁ ସେ ମହେନ୍ଦ୍ରଙ୍କ ସନ୍ଦେହ କରି ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବଳଙ୍ଗାରେ ଚଢ଼ଉ କରି ମହେନ୍ଦ୍ରଙ୍କୁ କାବୁ କରାଯାଇଥିଲା। ତାଙ୍କୁ ପଚରାଉଚରା ପରେ ପଦାକୁ ଆସିଥିଲା ସତ। ମହେନ୍ଦ୍ର ଚୋରି ସାମଗ୍ରୀକୁ ଅନ୍ୟତମ ଅଭିଯୁକ୍ତ ପବିତ୍ର ଗୁଡ଼ିଆପୋଖରୀରେ ଥିବା ପିହୁ ସାନିଟାରୀକୁ ବିକ୍ରି କରି ଦେଇଥିଲା। ଫଳରେ ଦୁଇ ଜଣଙ୍କୁ କାବୁ କରିବା ସହ ଚୋରି ସାମଗ୍ରୀକୁ ଜବତ କରାଯାଇଥିଲା।

# ଗଞ୍ଜେଇ ଓ ମଦ ଜବତ; ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଦୁଇଟି ଥାନା ଅଞ୍ଚଳରେ ଗଞ୍ଜେଇ ଓ ମଦ କାରବାର କରୁଥିବା ୨ଜଣଙ୍କୁ କାବୁ କରାଯାଇଛି। ଏୟାରଫିଲ୍ଡ ଥାନା ପ୍ରଧାନସାହି ଛକରେ ଗଞ୍ଜେଇ ବିକ୍ରି କରୁଥିବା ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ସର୍ବେଶ୍ୱର ବେହେରା। ତା' ଠାରୁ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ସେହିପରି ଖଣ୍ଡଗିରି ଥାନା ପୁଲିସ ଜଣେ ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ବେପାରୀ ହେଲା ଡୁମୁଡୁମାର ମହେଶ୍ୱର ପ୍ରଧାନ। ସେମାନଙ୍କ ଠାରୁ ମଦ ଓ ଗଞ୍ଜେଇ ଜବତ ହୋଇଛି।


# ପୁଲିସ-ଅବକାରୀ ବିଭାଗ ଦୋଷ ଲଦାଲଦି, ସାରା ରାତି ବାର୍‌ରେ ଭିଡ଼



**ଭୁବନେଶ୍ୱର (ପିପିଏସ୍):** କମିସନରେଟ ପୁଲିସ ଓ ଅବକାରୀ ବିଭାଗ ମଧ୍ୟରେ ଦୋଷ ଲଦାଲଦି ଯୋଗୁଁ ଏହାର ସୁଯୋଗରେ ହୋଟେଲ୍ ଓ ବାର୍ ମାଲକମାନେ ଫାଇଦା ଉଠାଉଛନ୍ତି। ସାରା ରାତି ବାର୍ ଖୋଲି ବେପାର କରିବା ସହ ରଙ୍ଗଶାଳାର ମାହୋଲ୍ ସୃଷ୍ଟି କରୁଛନ୍ତି। ଏପରିକି ରାତି ୨ଟା ଯାଏ ବି ବାର୍ ଖୋଲା ରହୁଛି। ଚିକିମିକି ଆଲୁଅ ଭିତରେ ପରସ୍ପର ଆଲିଙ୍ଗନ ମୁଦ୍ରାରେ ଯୁବକ ଯୁବତୀ ମତୁଆଲା ହେଉଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ହେବା ପରେ ପୁଲିସ ଚଢ଼ଉ ଆରମ୍ଭ କରିଛି। ପୁଲିସ ଚଢ଼ଉ ଦେଖି ଯୁବକ ଯୁବତୀମାନେ ଛତ୍ରଭଙ୍ଗ ଦେଇଥିଲେ। କିଏ କେଉଁ ବାଟେ ଧାଇଁବେ ଖୋଜି ବୁଲିଥିଲେ। କେବଳ ବାର୍ ନୁହେଁ, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ନାଇଟ୍ କ୍ଲବ ଓ ହୋଟେଲରେ ବି ଚଢ଼ଉ କରିଥିଲା ପୁଲିସ। ମାତ୍ର ଚଢ଼ଉ ସେତେଟା ଫଳପ୍ରଦ ହୋଇପାରି ନଥିଲା। ଶବ୍ଦ ପ୍ରଦୂଷଣ ନିୟମ ଉଲ୍ଲଂଘନ ବେଳକୁ ସେମାନଙ୍କ ପାଖରେ ରାତି ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଅନୁମତି ଥିବା ଦେଖାଇଥିଲେ। ତେଣୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଫେରିଥିଲା। ଗୋଟିଏ ବାର ମ୍ୟାନେଜର ଯାଞ୍ଚ ସମୟରେ ଅସହଯୋଗ କରିବାରୁ ପୁଲିସ କର୍ମଚାରୀମାନେ ତାଙ୍କୁ ଅଟକ ରଖିବା ସହ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିଥିବା ଜଣାପଡ଼ିଛି। ଚଢ଼ଉ ନେଇ ୬ ନମ୍ବର ଜୋନ୍ ଏସିପି ରମେଶ ଚନ୍ଦ୍ର ବିଶୋଇ, ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି ଯେ ଏହି ଚଢ଼ଉରେ ତିନି ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ସିଟିଏସ୍ ଫୋର୍ସ ସମେତ ଟିମ୍-୬୦ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଧାର୍ଯ୍ୟ ସମୟ ପରେ ବାର୍ ଖୋଲା ରଖିବା, ଶବ୍ଦ ନିୟମ ଉଲ୍ଲଂଘନ, ଅବକାରୀ ନିୟମ ଉଲ୍ଲଂଘନ ଆଦି ବିଷୟ ଉପରେ ଯାଞ୍ଚ କରାଯାଇଥିଲା। 'ସେଫ୍ ସିଟି ଡ୍ରାଇଭ୍ ଭୁବନେଶ୍ୱର' ଅଧୀନରେ ଏହି ଚଢ଼ଉ ହୋଇଥିଲା। ଇନ୍‌ଫୋସିଟି ଅଞ୍ଚଳରେ ଥିବା ରେଡ୍ ବୋନ୍ ବାର୍ ଶବ୍ଦ ପ୍ରଦୂଷଣ ନିୟମ ଉଲ୍ଲଂଘନ କରିଥିଲା। ଅବକାରୀ ବିଭାଗ ଏମାନଙ୍କୁ ଲାଇସେନ୍ସ ପ୍ରଦାନ କରିଥିବାରୁ କାର୍ଯ୍ୟାନୁଷ୍ଠାନ ଲାଗି ଆମେ ତାଙ୍କୁ ଅବଗତ କରିବୁ। ମୋଟ ୬ଟି ବାର ଉପରେ ଚଢ଼ଉ ହେଉଥିଲା। ଆମେ ଦେଖିବାକୁ ପାଇଥିଲୁ ଯେ ସମସ୍ତେ ଅବକାରୀ ବିଭାଗ ପକ୍ଷରୁ ରାତି ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଅନୁମତି ପାଇଛନ୍ତି। ଆମେ ନିୟମିତ ଯାଞ୍ଚ କରୁଛୁ। ସ୍ଥାନୀୟ ପୁଲିସ ବି ଚଢ଼ଉ କରୁଛି। ଆମେ ରାତି ୧୨ଟା ଯାଏ ଅନୁମତି ଦେଇଛୁ। ମାତ୍ର ସେମାନେ ଅବକାରୀ ବିଭାଗ ପକ୍ଷରୁ ରାତି ସାଢ଼େ ୧ଟା ପର୍ଯ୍ୟନ୍ତ ବର୍ଦ୍ଧିତ ସମୟ ନେଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଫି' ମଧ୍ୟ ଦେଉଛନ୍ତି। ବିଶେଷକରି ଶୁକ୍ରବାର, ଶନିବାର ଓ ରବିବାର ସେମାନଙ୍କୁ ଭଲ ସୁହାଉଥିବାରୁ ଅଧିକ ରାତି ଯାଏ ଅନୁମତି ଆଣୁଛନ୍ତି। ତେବେ ଅଭିଯୋଗ ଆସିବା ପରେ ଆମେ ଚଢ଼ଉ କରୁଛୁ। କିଛି ଦିନ ପୂର୍ବେ ଏକ ବାରକୁ ସିଲ୍ କରାଯାଇଥିଲା।

# ଗୌହାଟି-ନିୟୁ ଜଲପାଇଗୁଡ଼ି ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଙ୍ଗ୍ ମାଧ୍ୟମରେ ଆସାମର ପ୍ରଥମ 'ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍' ଚଳାଚଳ ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଏହା ହେଉଛି ଉତ୍ତରପୂର୍ବ ଭାରତରେ ସର୍ବ ପ୍ରଥମ 'ବନ୍ଦେ ଭାରତ ଏକ୍ସପ୍ରେସ୍' ସେବା। ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଥମ 'ଉତ୍ତରପୂର୍ବ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍' ଚଳାଚଳ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ସହିତ ଉତ୍ତରପୂର୍ବରେ ଯୋଗାଯୋଗ ସମୃଦ୍ଧ କରିବ। ଆସାମର ପୂର୍ବତନ ସରକାରମାନଙ୍କୁ ବିଦ୍ରୂପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୧୬ରେ 'ବିଜେପି' ସରକାର କ୍ଷମତାକୁ ଆସିବା ପୂର୍ବରୁ ଦୀର୍ଘ ଦିନ ଧରି ବିକାଶର ଚିହ୍ନବର୍ଣ୍ଣ ନ ଥିଲା। ଏହାଛଡ଼ା, ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଙ୍ଗ୍ ମାଧ୍ୟମରେ 'ନୂତନ ବୋଙ୍ଗେଇଗାଓଁ-ଦୁଧୋନି-ମେଣ୍ଡିପଥର' ଏବଂ 'ଗୌହାଟି-ଚପରମୁଖ'ର ବେ ?ଦ୍ୟୁତୀକରଣ ସେକ୍ସନକୁ ଉଦ୍ଘାଟନ କରିଛନ୍ତି। ଏଥିସହ ସେ ଲୁମଡିଙ୍ଗରେ ଟ୍ରେନ୍ ୱାର୍କସପ୍ ମଧ୍ୟ ଉଦ୍ଘାଟନ କରିଛନ୍ତି। ଆସାମର ଗୌହାଟି ଓ ପଶ୍ଚିମବଙ୍ଗର ନୂଆ ଜଲପାଇଗୁଡ଼ିକୁ ସଂଯୋଗ କରୁଥିବା ଏହି ଟ୍ରେନ୍ ସମ୍ପ୍ରତି ଦୁଇ ସ୍ଥାନ ମଧ୍ୟରେ ଚଳାଚଳ କରୁଥିବା ସବୁଠୁ ଦ୍ରୁତଗାମୀ ଟେନ୍ ଅପେକ୍ଷା ୧ଘଣ୍ଟା ଯାତ୍ରା ସମୟ କମାଇବ ବୋଲି ଆଶା କରାଯାଉଛି। ୫ ଘଣ୍ଟା ୩୦ ମିନିଟ୍ ଭିତରେ ଏହା ୪୧୦ କିଲୋମିଟର୍ ଦୂରତ୍ୱ ଅତିକ୍ରମ କରିବ। ଏହା ହେଉଛି ଦେଶର ୧୮ଶ 'ବନ୍ଦେ ଭାରତ ଏକ୍ସପ୍ରେସ୍' ସେବା।

## ୫୦୧ କଏଦୀଙ୍କୁ ଖଲାସ କଲା ନେପାଳ

କାଠମାଣ୍ଡୁ : ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲ ୫୦୧ ଜଣ କଏଦୀଙ୍କ କ୍ଷମା ପ୍ରାର୍ଥନା ମଞ୍ଜୁର କରିଛନ୍ତି। ଆଜୀବନ କାରାଦଣ୍ଡ ଭୋଗୁଥିବା ଥରୁହାଟ ନେତା ତଥା ନାଗ୍ରିକ ଇମ୍ୟୁଣ୍ଟି ପାର୍ଟି ମୁଖ୍ୟ ରେଶମ ଚୌଧୁରୀ ମଧ୍ୟ କ୍ଷମା ପାଇଥିବା କଏଦୀମାନଙ୍କ ମଧ୍ୟରେ ଅଛନ୍ତି। ମେ ୨୯ରେ ଗଣତନ୍ତ୍ର ଦିବସ ଅବସରରେ ସରକାର ବନ୍ଦୀମାନଙ୍କୁ ଖଲାସ କରାଯିବ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଅନୁଯାୟୀ, ନେପାଳର ମନ୍ତ୍ରୀ ପରିଷଦ ବୈଠକରେ ରାଷ୍ଟ୍ରପତି ୧୯ ଜଣ ରାଜନୈତିକ କଏଦୀଙ୍କ ସମେତ ୫୦୧ ଜଣ କଏଦୀଙ୍କ କ୍ଷମା ପ୍ରାର୍ଥନା ସୁପାରିଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୫ ରେ ଥରୁହାଟ ଆନ୍ଦୋଳନ ସମୟରେ କୈଲାଲୀ ଜିଲାର ଟିକପୁର ଦଙ୍ଗାରେ ଆଠ ଜଣ ପୋଲିସ କର୍ମଚାରୀଙ୍କ ସମେତ ନଅ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିବାରୁ ରେଶମ ଚୌଧୁରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଥରୁହାଟ ନେତାଙ୍କ ଆଜୀବନ କାରାଦଣ୍ଡକୁ ରାଷ୍ଟ୍ରପତି କ୍ଷମା କରିବାକୁ ମନା କରି ଦେଇଥିଲେ। ସରକାର କ୍ଷମା ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଥିଲେ।

# ପୁଟିନ୍‌ଙ୍କୁ ଭେଟିବା ପରେ ବେଲାରୁଷ୍ ରାଷ୍ଟ୍ରପତିଙ୍କ ଅବସ୍ଥା ସଙ୍କଟାପନ୍ନ; ବିଷ ଦିଆଯାଇଥିବା ସନ୍ଦେହ



ମସ୍କୋ: ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ ଭେଟିବା ପରେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ବେଲାରୁଷର ରାଷ୍ଟ୍ରପତି ଆଲେକଜେଣ୍ଡର୍ ଲୁକାସେଙ୍କୋଙ୍କୁ ତୁରନ୍ତ ମସ୍କୋର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା କଥା ବେଲାରୁଷ୍ ବିରୋଧୀ ନେତା ଭାଲେରି ସେପ୍କାଲୋ କହିଛନ୍ତି। ସେପ୍କାଲୋଙ୍କ କହିବା ଅନୁସାରେ, ପୁଟିନ୍‌ଙ୍କୁ ଭେଟିବା ପରେ ଲୁକାସେଙ୍କୋଙ୍କୁ ମସ୍କୋର 'ସେଣ୍ଟ୍ରାଲ୍ କ୍ଲିନିକାଲ୍ ହସ୍ପିଟାଲ୍'କୁ ନିଆଯାଇଛି। ସେ ସଙ୍କଟଜନକ ଅବସ୍ଥାରେ ଅଛନ୍ତି। ପ୍ରାଥମିକ ସୂଚନା ଅନୁସାରେ, ପୁଟିନଙ୍କ ସହିତ ରୁଦ୍ଧଦ୍ୱାର ବୈଠକ ପରେ ଲୁକାସେଙ୍କୋଙ୍କୁ ତତ୍‌କ୍ଷଣାତ୍ ମସ୍କୋର 'ସେଣ୍ଟ୍ରାଲ୍ କ୍ଲିନିକାଲ୍ ହସ୍ପିଟାଲ୍'କୁ ନିଆଯାଇଥିଲା। ସମ୍ପ୍ରତି ସେ ଚିକିତ୍ସାଧୀନ ଅଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ଥିବା ରୋଗୀମାନଙ୍କୁ ଚିକିତ୍ସା କରୁଥିବା ବିଶିଷ୍ଟ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ତାଙ୍କୁ ରଖାଯାଇଛି। ତାଙ୍କର ରକ୍ତ ପରିଷ୍କରଣ କରାଯାଇଛି। କିନ୍ତୁ, ସେ ଡାକ୍ତରଖାନାରୁ ଅଣାଯିବା ପରିସ୍ଥିତିରେ ନାହାନ୍ତି ବୋଲି ସେପ୍କାଲୋ ଟୁଇଟ୍ କରି କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ବେଲାରୁଷ୍ର ଏକଛତ୍ରବାଦୀ ରାଷ୍ଟ୍ରପତି ଲୁକାସେଙ୍କୋଙ୍କୁ ବଞ୍ଚାଇବା କରାଯାଉଥିବା ବ୍ୟବସ୍ଥିତ ଉଦ୍ୟମରୁ ସନ୍ଦେହ ହେଉଛି ଯେ, ତାଙ୍କୁ ବିଷ ଦିଆଯାଇଛି ଏବଂ ସେଥିରେ କ୍ରେମ୍ଲିନ୍ ସମ୍ପୃକ୍ତ ଅଛି। ସୂଚନାଯୋଗ୍ୟ, ସମ୍ପ୍ରତି ସାମାଜିକ ଗଣମାଧ୍ୟମରେ ଲୁକାସେଙ୍କୋ ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ କିଛି ଦିନ ହେବ ଗୁଜବ ଉଠିଛି। ମେ ୯ ତାରିଖ ଦିନ ମଧ୍ୟ ଲୁକାସେଙ୍କୋ ରୁଷ୍ ଯାଇଥିଲେ। ମସ୍କୋରେ ବିଜୟ ଦିବସ ପରେଡ୍ ଶେଷ ହେବାକ୍ଷଣି ସ୍ୱଦେଶକୁ ଫେରିଆସିଥିଲେ। ରୁଷୀୟ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହିତ ସେ ମଧ୍ୟାହ୍ନ ଭୋଜନ ବି ଖାଇ ନ ଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରୁଷ୍ ଗସ୍ତ ସମୟରେ ଲୁକାସେଙ୍କୋ କ୍ଳାନ୍ତ ଦିଶୁଥିଲେ ଏବଂ ଡାହାଣ ହାତରେ ବ୍ୟାଣ୍ଡେଜ୍ ଗୁଡ଼ାହୋଇଥିଲା। କିନ୍ତୁ, ସେଦିନ ମସ୍କୋରୁ ଫେରିବା ପରେ ନିଜ ଦେଶରେ ବିଜୟ ଦିବସ ପାଳନ ଅବସରରେ ଲୁକାସେଙ୍କୋ କହିଥିଲେ, ବନ୍ଧୁଗଣ, ମୁଁ ମରି ଯିବିନାହିଁ। ଆଗକୁ ମୋ ସହିତ ଆପଣମାନଙ୍କୁ ବହୁଦିନ ଧରି ସଂଗ୍ରାମ କରିବାକୁ ପଡ଼ିବ। ମତେ ସାମାନ୍ୟ ଥଣ୍ଡା ହୋଇଛି। ଭଲ ହେବା ପାଇଁ ୩ ଦିନ ଲାଗିବ।

## ଚନ୍ଦ୍ରରେ ଜୀବନ ସମ୍ଭାବନା

ୱାଶିଂଟନ : ଶନିଙ୍କର ଏକ କ୍ଷୁଦ୍ର ଚନ୍ଦ୍ର ଏହାର ପୋଲରୁ ମହାକାଶରେ ଜଳ ନିର୍ଗତ କରୁଛି। ଏନସେଲାଡସ ନାମକ ଚନ୍ଦ୍ରରୁ ବାହାରୁଥିବା ଜଳର ଲମ୍ବ ଧାରା ଅନେକ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ନାସାର ଜେମ୍ସ ୱେବ ଟେଲିସ୍କୋପ ଏହାର ଫଟୋ ଉଠାଇଛି। ଏନସେଲାଡସ ଏହି ଜଳ ସହିତ ଜୈବିକ ଏବଂ ରାସାୟନିକ କଣିକା ନିର୍ଗତ ହେଉଛି। ଏନସେଲାଡସରୁ ବାହାରୁଥିବା ଜଳ ପ୍ରମାଣ ଦେଇଛି ପୃଥିବୀ ବାହାରେ ଜୀବନ ସମ୍ଭବ। କିମ୍ବା ବୋଧହୁଏ ସେଠାରେ ଜୀବନ ଅଛି ଯାହା ବିଷୟରେ ମହାକାଶ ବିଜ୍ଞାନୀମାନେ ଜାଣି ନାହାନ୍ତି। ନାସାର ଗୋଡାର୍ଡ ସ୍ପେସ ଫ୍ଲାଇଟ ସେଣ୍ଟରର ପ୍ଲାନେଟାରୀ ଜ୍ୟୋତିର୍ବିଜ୍ଞାନୀ ସାରା ଫାଗି କହିଛନ୍ତି ଏହା ବିଶାଳ ଜଳ ଧାରା ଅଟେ। ବାସ୍ତବରେ, ସୂର୍ଯ୍ୟଙ୍କ ଉତ୍ତାପ ଏନସେଲାଡସ ଭୂତଳରେ ଥିବା ତରଳ ବରଫ ସମୁଦ୍ରକୁ ବାଷ୍ପୀଭୂତ କରିଥାଏ। ଶନିଙ୍କ ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଏହିପରି ଜଳ ପ୍ରାୟତଃ ମୁକ୍ତ ହୋଇଥିବାର ଦେଖାଯାଇଥାଏ। ୨୦୦୮ ରୁ ୨୦୧୫ ମଧ୍ୟରେ ନାସାର କ୍ୟାସିନି ମହାକାଶଯାନ ଏହି ଚନ୍ଦ୍ରର ଜଳ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ମହାକାଶଯାନରେ ଥିବା ମାସ ସ୍ପେକ୍ଟ୍ରୋମିଟର ଜୀବନ ସୃଷ୍ଟି କରୁଥିବା ଜୈବିକ କଣିକା ଏହା ସହିତ ବାହାରକୁ ଆସୁଥିବା ଜଣାପଡ଼ିଛି। ଏହା ବ୍ୟତୀତ ମଲିକୁଲାର ହାଇଡ୍ରୋଜେନ, କାର୍ବନ ଡାଇଅକ୍ସାଇଡ, ମିଥେନ ଏବଂ ପଥର ଖଣ୍ଡ ମଧ୍ୟ ବାହାରକୁ ଆସୁଥିବା ଦେଖାଯାଇଥିଲା। ଏନସେଲାଡସ ହେଉଛି ଏକ ବରଫ ଦୁନିଆ ଯାହା ପୃଥିବୀର ସୌର ଜଗତ ବାହାରେ ଅବସ୍ଥିତ।

# ନିଜ ଦଳର ସାଂସଦ ହରିବଂଶଙ୍କୁ ତୀବ୍ର ସମାଲୋଚନା କଲା ଜେଡିୟୁ



ନୂଆଦିଲ୍ଲୀ: ଜେଡିୟୁର ବୟକଟ ସତ୍ତ୍ୱେ ସଂସଦର ନୂଆ ବିଲଡିଂ ଉଦଘାଟନୀ ଉତ୍ସବରେ ଦଳର ସାଂସଦ ତଥା ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଯୋଗ ଦେଇଥିଲେ। ହରିବଂଶଙ୍କ ଏପରି ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଛି ଜେଡିୟୁ। ଦଳର ମୁଖ୍ୟ ମୁଖପାତ୍ର ନୀରଜ କୁମାର ସୋମବାର ସର୍ବସମ୍ମୁଖରେ ହରିବଂଶଙ୍କୁ ଟାର୍ଗେଟ କରିଛନ୍ତି। ସାମ୍ବାଦିକରୁ ରାଜନେତା ବନି ଜେଡିୟୁ ପକ୍ଷରୁ ରାଜ୍ୟସଭାକୁ ଯାଇଥିବା ହରିବଂଶଙ୍କୁ ନୀରଜ କୁମାର କହିଛନ୍ତି ଯେ "ସାମ୍ବାଦିକ କ୍ଷେତ୍ର ପ୍ରତି ଆପଣଙ୍କ ଅବଦାନ ପାଇଁ ଜେଡିୟୁ ଆପଣଙ୍କୁ ରାଜ୍ୟସଭା ପଠାଇଥିଲା। କିନ୍ତୁ ଯେତେବେଳେ ଦେଶର ସାମ୍ବିଧାନିକ ଗଣତନ୍ତ୍ରରେ କଳା ଇତିହାସ ଯୋଡ଼ି ହେଉଥିଲା ସେତେବେଳେ ଆପଣ ପଦ ପାଇଁ ନିଜର ଆତ୍ମସମ୍ମାନ ସହ ବୁଝାମଣା କରିନେଲେ। ଆପଣଙ୍କ ଅଧକ୍ଷ, ସମ୍ମାନୀୟ ଉପ ରାଷ୍ଟ୍ରପତି ମଧ୍ୟ ସେଠାରେ ଉପସ୍ଥିତ ନଥିଲେ। ତଥାପି ଆପଣ ନିଜର ଫାଇଦା ପାଇଁ ସେଠାରେ ଉପସ୍ଥିତ ରହିଥିଲେ।" ଜେଡିୟୁ ମୁଖ୍ୟ ମୁଖପାତ୍ର କୁମାର ଆହୁରି କହିଛନ୍ତି, "ଜେଡିୟୁ ସଂସଦର ଉଦଘାଟନ ଉତ୍ସବକୁ ବୟକଟ କରିଥିବା ବେଳେ ଆପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେଣୁ ଦଳର ନେତୃବୃନ୍ଦ ଆପଣଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତା'ର ବିଚାର କରିବେ। କିନ୍ତୁ ଆପଣ ଯାହା କଲେ, ସେଭଳି କାମ ଆପଣଙ୍କ ଭଳି ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଠାରୁ ଆଶା ନଥିଲା।" କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାର ସଦସ୍ୟ ହୋଇଥିବା ହରିବଂଶଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ଶେଷ ହେବ। ୨୦୧୮ରୁ ସେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ କାମ କରୁଛନ୍ତି। ସେ ତୃତୀୟ ଅଣ କଂଗ୍ରେସ ସାଂସଦ ଭାବେ ଏହି ପଦ ଅଳଙ୍କୃତ କରିଛନ୍ତି। ୬୬ ବର୍ଷୀୟ ହରିବଂଶ ତତ୍କାଳୀନ ପ୍ରଧାନମନ୍ତ୍ରୀ ଚନ୍ଦ୍ର ଶେଖରଙ୍କ ମିଡିଆ ପରାମର୍ଶଦାତା ଭାବେ କାମ କରୁଥିଲେ। ଏହାପୂର୍ବରୁ ସେ ଝାରଖଣ୍ଡ ଓ ବିହାରର ସବୁଠାରୁ ବଡ଼ ଖବରକାଗଜ ପ୍ରଭାବତ ଖବରର ସମ୍ପାଦକ ଥିଲେ।

# ଆପ୍ ସହ ମେଣ୍ଟ କରିବା ସମ୍ଭବ ନୁହେଁ : ସିଦ୍ଧୁ



ନୂଆଦିଲ୍ଲୀ : ୨୦୨୪ ଲୋକସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ସହ ମେଣ୍ଟ ପ୍ରସଙ୍ଗରେ ପଞ୍ଜାବ କଂଗ୍ରେସର ପୂର୍ବତନ ସଭାପତି ନବଜୋତ ସିଂହ ସିଦ୍ଧୁ କହିଛନ୍ତି ଯେ ଯଦି ଆଦର୍ଶଗତ ମତଭେଦ ଥାଏ, ତେବେ ମେଣ୍ଟ ହୋଇପାରିବ ନାହିଁ। ସିଦ୍ଧୁ କହିଛନ୍ତି ଯେ ଯେତେବେଳେ ବି ତାଙ୍କ ସାମ୍ନାରେ ଦ୍ୱନ୍ଦ୍ୱ ଦେଖାଦିଏ, ସେ ସିଧା ଚାଲନ୍ତି ଏବଂ ନୈତିକ ମୂଲ୍ୟବୋଧ ସହ ଆପୋସ ବୁଝାମଣା କରିନ୍ତି ନାହିଁ। ସିଦ୍ଧୁ କହିଛନ୍ତି ଯେ ଯେତେବେଳେ ଜଣେ ସାଂସଦ ସତ କହିବା ପାଇଁ ସଂସଦର ସଦସ୍ୟତାରୁ ଅଯୋଗ୍ୟ ବିବେଚିତ ହୁଅନ୍ତି, ସେତେବେଳ ତାହା ମଧ୍ୟ ସମ୍ବିଧାନ ପାଇଁ ଏକ ଲଢ଼େଇରେ ପରିଣତ ହୁଏ । ଏଥିପାଇଁ ଲୋକମାନେ ମଧ୍ୟ ଆଗେଇ ଆସିବା ଉଚିତ୍ । ସିଦ୍ଧୁ କହିଛନ୍ତି ଯେ ସେ ଦଳର ଶୃଙ୍ଖଳାବାହାରେ ଯିବେ ନାହିଁ, ବରଂ ତାଙ୍କ ଆତ୍ମାର ସ୍ୱରକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଶ୍ଚିତ ଭାବେ କାର୍ଯ୍ୟ କରିବେ। କଂଗ୍ରେସ ନେତା ରାହୁଲ ଗାନ୍ଧି, ଦଳର ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ପଞ୍ଜାବ ଓ ଦିଲ୍ଲୀର କଂଗ୍ରେସ ନେତାଙ୍କ ସହ ବୈଠକ କରିଛନ୍ତି। ଦିଲ୍ଲୀର ଅମଲାତନ୍ତ୍ରକୁ ନିୟନ୍ତ୍ରଣକୁ ନେଇ କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ପ୍ରସଙ୍ଗରେ ଆପ୍ କଂଗ୍ରେସର ସମର୍ଥନ ଲୋଡ଼ିଛି। ଏହାପରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ କଂଗ୍ରେସ ପକ୍ଷରୁ ଦଳୀୟ ବୈଠକ ଡକାଯାଇଥିଲା । ବୈଠକରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ନେତାମାନେ ଯୋଗ ଦେଇଥିଲେ । ତେବେ ଏହି ବୈଠକ ପରେ ନବଜ୍ୟୋତ ସିଂହ ସିଦ୍ଧୁ କହିଛନ୍ତି ଯେ ବୈଠକରେ ଯାହା ଘଟିଛି ତାହା ଗୋପନୀୟ ଏବଂ କଂଗ୍ରେସ ଅଧ୍ୟକ୍ଷ କିମ୍ବା ରାହୁଲ ଗାନ୍ଧୀଜୀ ଏହା ଉପରେ ଆଲୋଚନା କରିବେ।

# ନରୱେ ପାଇଁ ବିପଦ ସାଜିଛି ପାକିସ୍ତାନ



ନୂଆଦିଲ୍ଲୀ: ସାରା ବିଶ୍ୱରେ ଆତଙ୍କବାଦକୁ ଆଶ୍ରୟ ଦେବା ପାଇଁ ପାକିସ୍ତାନ ଚର୍ଚ୍ଚାରେ ରହିଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶ ଏହାର ବିରୋଧ ଯୋଗୁଁ ପାକିସ୍ତାନଠାରୁ ଦୂରେଇ ରହିଛନ୍ତି। ଅର୍ଥନୈତିକ ସଙ୍କଟରେ ଥାଇ ମଧ୍ୟ ପାକିସ୍ତାନକୁ ସହାୟତା ମିଳୁନାହିଁ। ଏକ ରିପୋର୍ଟ ଅନୁଯାୟୀ, ନରୱେ ପାକିସ୍ତାନକୁ ନିଜ ପାଇଁ ବିପଦ ବୋଲି ବିବେଚନା କରିଛି। ବାସ୍ତବରେ, ନରୱେ ପୋଲିସ୍ ସୁରକ୍ଷା ସେବାର ଧମକ ମୂଲ୍ୟାଙ୍କନ ରିପୋର୍ଟ ୨୦୨୩ ଅନୁଯାୟୀ ପାକିସ୍ତାନ ନରୱେ ପାଇଁ ବିପଦ ସୃଷ୍ଟି କରିଛି। ରିପୋର୍ଟରେ କୁହାଯାଇଛି ଯେ ବେଆଇନ ପଦ୍ଧତି ବ୍ୟବହାର କରି ପାକିସ୍ତାନ ନରୱେର ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା ଚୋରି କରୁଛି। ଏହି ରିପୋର୍ଟରେ ପାକିସ୍ତାନ ଏବଂ ପାକିସ୍ତାନୀ ଲୋକଙ୍କୁ ସଜାଗ ରହିବା, ଅନୁସନ୍ଧାନ କରିବା ଏବଂ ନିରନ୍ତର ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଆସନ୍ତୁ ଆପଣଙ୍କୁ କହିବା ଯେ ନରୱେ ଏହାର ପ୍ରଯୁକ୍ତିବିଦ୍ୟା ପାଇଁ ସାରା ବିଶ୍ୱରେ ଜଣାଶୁଣା । ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଏହାର ଅନୁସନ୍ଧାନକାରୀଙ୍କୁ ନରୱେ ଶିକ୍ଷା ଏବଂ ଅନୁସନ୍ଧାନ ପ୍ରତିଷ୍ଠାନରେ ପ୍ରବେଶ କରିବାକୁ ଅନୁମତି ଦେଇ ବେଆଇନ ଭାବେ ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା ହାସଲ କରିପାରିବ। ଏଭଳି ପରିସ୍ଥିତିରେ ପାକିସ୍ତାନ ସମ୍ବେଦନଶୀଳ ଟେକ୍ନୋଲୋଜିର ପ୍ରସାର ଦୃଷ୍ଟିରୁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ନରୱେ ଶିକ୍ଷାନୁଷ୍ଠାନଗୁଡିକରେ ଅନୁସନ୍ଧାନକାରୀଙ୍କ ଆଡମିଶନ ବ୍ୟତୀତ ଅନ୍ୟ ଏକ ପଦ୍ଧତି ମଧ୍ୟ ଗ୍ରହଣ କରାଯାଇପାରେ । ନରୱେ ଟେକ୍ନୋଲୋଜି ପାଇବା ପାଇଁ ପାକିସ୍ତାନ ନରୱେ ରପ୍ତାନି ନିୟନ୍ତ୍ରଣ ନିୟମକୁ ଅତିକ୍ରମ କରିବାକୁ ଚେଷ୍ଟା କରିପାରେ। ଦୟାକରି କୁହନ୍ତୁ ଯେ ନରୱେରେ ସରକାରୀ ଅନୁମତି ବିନା ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା କୌଣସି ଦେଶକୁ ବିକ୍ରି ହୋଇପାରିବ ନାହିଁ । ଉଲ୍ଲେଖନୀୟ କଥା ହେଉଛି, ପ୍ରତିବର୍ଷ ପାକିସ୍ତାନରୁ ହଜାର ହଜାର ଲୋକ ସଠିକ୍ କିମ୍ବା ଭୁଲରେ ୟୁରୋପକୁ ଯାଆନ୍ତି । ଏଥିମଧ୍ୟରେ ଭିସା ଧାରକମାନେ ସିଧାସଳଖ ବିମାନ ଯୋଗେ ୟୁରୋପକୁ ଯାଆନ୍ତି, ଯେଉଁମାନେ ଆଫଗାନିସ୍ତାନ, ଇରାନ ଏବଂ ତୁର୍କୀ ଦେଇ ୟୁରୋପରେ ପ୍ରବେଶ କରନ୍ତି । ଏଭଳି ପରିସ୍ଥିତିରେ ଅନେକ ଦେଶ ପାକିସ୍ତାନକୁ ନେଇ ଚିନ୍ତା ପ୍ରକଟ କରିସାରିଛନ୍ତି।

## ମଣିପୁରରେ ଏନକାଉଣ୍ଟର: ୪୦ ଉଗ୍ରପନ୍ଥୀ ନିହତ

ଇମ୍ଫାଲ: ହିଂସାଗ୍ରସ୍ତ ମଣିପୁରରେ ଗତରାତିରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ବ୍ୟାପକ ହିଂସା ଭିଆଇଛନ୍ତି। ବିଭିନ୍ନ ଅଂଚଳରେ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ସହ ସେମାନଙ୍କ ଘର ଜାଳି ଦିଆଯାଇଛି। ୫ଟି ସ୍ଥାନରେ ସୁରକ୍ଷାବାହିନୀ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଆଜି ଭୋର୍ ସମୟରେ ଇମ୍ଫାଲ ଘାଟି ଏବଂ ଏହାର ନିକଟବର୍ତ୍ତୀ ୫ଟି ଅଞ୍ଚଳରେ ଉଗ୍ରପନ୍ଥୀମାନେ ଏକସଂଗରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ। ସୁରକ୍ଷା ବାହିନୀ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ସନ୍ଧ୍ୟା ସୁଦ୍ଧା ଗୁଳି ବିନିମୟ ଜାରି ରହିଥିବା ବେଳେ ଏଥିରେ ମୋଟ ୪୦ ଉଗ୍ରପନ୍ଥୀ ନିହତ ହୋଇଥିବା ଜଣାପଡ଼ିଛି। କେତେକ ଉଗ୍ରପନ୍ଥୀ ଗିରଫ ହୋଇଛନ୍ତି ଏବଂ ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ମୁଖ୍ୟମନ୍ତ୍ରୀ ଏନ୍ ବିରେନ ସିଂହ କହିଛନ୍ତି ଯେ ଉଗ୍ରପନ୍ଥୀମାନଙ୍କ ଯୋଜନାବଦ୍ଧ ଆକ୍ରମଣର କଡ଼ା ଜବାବ ଦେଇଛି ସୁରକ୍ଷା ବାହିନୀ। ଉପଦ୍ରୁତ ଅଞ୍ଚଳରେ ଉଗ୍ରପନ୍ଥୀଙ୍କୁ ଦମନ ଅଭିଯାନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆତଙ୍କବାଦୀମାନେ ଏମ୍-୧୬, ଏକେ-୪୭ ଏବଂ ସ୍ନାଇପର ରାଇଫଲ ବ୍ୟବହାର କରି ନାଗରିକଙ୍କ ଉପରେ ଆକ୍ରମଣ କରୁଛନ୍ତି। ଅନେକ ଗ୍ରାମକୁ ସେମାନେ ଜାଳି ଦେଇଥିବା ବେଳେ ସୁରକ୍ଷା ବାହିନୀର କ୍ୟାମ୍ପଗୁଡ଼ିକୁ ମଧ୍ୟ ଟାର୍ଗେଟ୍ କରୁଛନ୍ତି। ତେବେ ଆଜିର ଅଭିଯାନରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଥିବା କୁହାଯାଇଛି।

# କେନ୍ଦ୍ରୀୟ ଭିଜିଲାନ୍ସ କମିଶନର ଭାବେ ଦାୟିତ୍ୱ ନେଲେ ପ୍ରବୀଣ ଶ୍ରୀବାସ୍ତବ



ନୂଆଦିଲ୍ଲୀ: ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଦିନ ବରିଷ୍ଠ ପ୍ରଶାସକ ପ୍ରବୀଣ କୁମାର ଶ୍ରୀବାସ୍ତବଙ୍କୁ ପରବର୍ତ୍ତୀ କେନ୍ଦ୍ରୀୟ ଭିଜିଲାନ୍ସ କମ ଭାବରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖର ଉପସ୍ଥିତ ଥିଲେ। ଭାରତର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏକ ଟୁଇଟରେ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଶ୍ରୀ ପ୍ରବୀଣ କୁମାର ଶ୍ରୀବାସ୍ତବଙ୍କୁ ଶପଥ ପାଠ କରାଇଥିଲେ।

ଗତ ବର୍ଷ ଡିସେମ୍ବରରେ ବର୍ତ୍ତମାନର ସିଭିସି ସୁରେଶ ଏନ ପଟେଲଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପ୍ରବୀଣ କୁମାର ଶ୍ରୀବାସ୍ତବ କାର୍ଯ୍ୟକାରୀ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) ଭାବରେ କାର୍ଯ୍ୟ କରିସାରିଛନ୍ତି। ଆସାମ-ମେଘାଳୟ କ୍ୟାଡରର ୧୯୮୮-ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀବାସ୍ତବଙ୍କୁ ଗତ ବର୍ଷ ଭିଜିଲାନ୍ସ କମିଶନର ଭାବରେ ନାମିତ କରାଯାଇଥିଲା। କେନ୍ଦ୍ରୀୟ ଭିଜିଲାନ୍ସ କମିଶନରେ ଶ୍ରୀବାସ୍ତବଙ୍କୁ ଭିଜିଲାନ୍ସ କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା । ଜଣେ ବରିଷ୍ଠ ପ୍ରଶାସକ ଭାବରେ ଅତୀତରେ ଶ୍ରୀବାସ୍ତବ ବିଶ୍ୱ ବାଣିଜ୍ୟ ଅର୍ଗାନାଇ ଅଧୀନରେ ସେବାରେ ବାଣିଜ୍ୟ ସହ ଜଡିତ ପ୍ରମୁଖ ବୁଝାମଣାରେ କେନ୍ଦ୍ରକୁ ସହାୟତା କରିଥିଲେ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ, ଡେପୁଟି ସେକ୍ରେଟେରୀ ଭାବରେ। ମୁଖ୍ୟ ପ୍ରଶାସନିକ ପଦବୀରେ ଶ୍ରୀବାସ୍ତବଙ୍କର ଏକ ବ୍ୟାପକ କ୍ୟାରିୟର ରହିଛି ଏବଂ ସେ ରାଇଟ୍ସରେ ମୁଖ୍ୟ ଭିଜିଲାନ୍ସ ଅଫିସର ତଥା ଜବାହରଲାଲ ନେହେରୁ ଜାତୀୟ ସହରୀ ନବୀକରଣ ମିଶନ ର ଯୁଗ୍ମ ସଚିବ ତଥା ମିଶନ ନିର୍ଦ୍ଦେଶକ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଜାନୁୟାରୀ ୩୧, ୨୦୨୨ ରେ କେନ୍ଦ୍ର ସରକାରରେ ସ୍ୱତନ୍ତ୍ର ସଚିବ ତଥା ଅତିରିକ୍ତ ସଚିବ ଭାବରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ। ଅବସର ପୂର୍ବରୁ ଶ୍ରୀବାସ୍ତବ ବିଭିନ୍ନ କାର୍ଯ୍ୟକଳାପର ସମନ୍ୱୟ ରକ୍ଷା କରିବା ଏବଂ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ପ୍ରଭାବଶାଳୀ ଯୋଗାଯୋଗ ସୁନିଶ୍ଚିତ କରିଥିଲେ।

## ପଶ୍ଚିମବଙ୍ଗ ବିଧାନସଭା ହେଲା କଂଗ୍ରେସ ମୁକ୍ତ

କୋଲକାତା: ପଶ୍ଚିମବଙ୍ଗ ବିଧାନସଭାରେ କଂଗ୍ରେସର ଏକମାତ୍ର ବିଧାୟକ ଥିବା ବେରୋନ ବିଶ୍ୱାସ ସୋମବାର ପଶ୍ଚିମ ମେଦିନୀପୁର ଜିଲ୍ଲାରେ ଶାସକ ତୃଣମୂଳ କଂଗ୍ରେସ (ଟିଏମସି) ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ଟିଏମସିରେ ଯୋଗ ଦେଇଛନ୍ତି। ଫଳରେ ପଶ୍ଚିମବଙ୍ଗ ବିଧାନସଭା ସଂପୂର୍ଣ୍ଣ ରୂପେ କଂଗ୍ରେସ ମୁକ୍ତ ହୋଇପଡ଼ିଛି। ଟିଏମସି ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଅଧକ୍ଷତାରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ 'ସାଗରଦିଘିର କଂଗ୍ରେସ ବିଧାୟକ ବେରୋନ ବିଶ୍ୱାସ ଆମ ସହ ଯୋଗ ଦେଇଥିଲେ। ତୃଣମୂଳ କଂଗ୍ରେସ ପରିବାରରେ ଆମେ ତାଙ୍କୁ ହୃଦୟରୁ ସ୍ୱାଗତ କରୁଛୁ। ବିଜେପିର ବିଭାଜନକାରୀ ଓ ଭେଦଭାବପୂର୍ଣ୍ଣ ରାଜନୀତି ବିରୋଧରେ ଲଢ଼ିବା ପାଇଁ ନିଜର ସଂକଳ୍ପକୁ ସୁଦୃଢ଼ କରିବା ପାଇଁ ଆପଣ ଉପଯୁକ୍ତ ପ୍ଲାଟଫର୍ମ ବାଛିଛନ୍ତି। ମିଳିମିଶି ଆମେ ଜିତିବୁ ବୋଲି' ଶ୍ରୀ ବାନାର୍ଜୀ କହିଛନ୍ତି।

## ପାକିସ୍ତାନ ବି ହେବ ହିନ୍ଦୁରାଷ୍ଟ୍ର: ବାଗେଶ୍ୱର ବାବା



ଅହମଦାବାଦ : ପଣ୍ଡିତ ଧିରେନ୍ଦ୍ର ଶାସ୍ତ୍ରୀ ତାଙ୍କ ବିବୃତ୍ତି ନେଇ ପ୍ରାୟତଃ ହେଡ ଲାଇନରେ ରହିଥାନ୍ତି। ତ୍ୱିଙ୍କଟରେ, ବାଗେଶ୍ୱର ବାବାଙ୍କ ପାଗଳ'ଶବ୍ଦର ବ୍ୟବହାରକୁ ନେଇ ବିହାରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଥିସହିତ ବର୍ତ୍ତମାନ ତାଙ୍କର ଆଉ ଏକ ବିବୃତ୍ତି ଭାଇରାଲ ହେଉଛି। ବାସ୍ତବରେ, ବାଗେଶ୍ୱର ଧାମର ଧିରେନ୍ଦ୍ର ଶାସ୍ତ୍ରୀ ଏବେ ଗୁଜରାଟ ଗସ୍ତରେ ଅଛନ୍ତି। ଏହି ସମୟରେ ସେ ସୁରଟରେ ହିନ୍ଦୁ ବିଷୟରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ଅହମଦାବାଦର ଭାଟୱା ଠାରେ ଆୟୋଜିତ ଦେବକି ନନ୍ଦନ ଠାକୁରଙ୍କ ଶିବପୁରାଣ କଥାରେ ସମୟରେ ଧିରେନ୍ଦ୍ର ଶାସ୍ତ୍ରୀ କହିଛନ୍ତି କେବଳ ଭାରତ ନୁହେଁ ପାକିସ୍ତାନକୁ ମଧ୍ୟ ହିନ୍ଦୁ ରାଷ୍ଟ୍ର ହେବ। ତାଙ୍କର ଏହି ବିବୃତ୍ତି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁ ଦିନ ଗୁଜରାଟର ଲୋକମାନେ ଏକଜୁଟ ହେବେ, ଭାରତ ଭଳି ପାକିସ୍ତାନକୁ ମଧ୍ୟ ହିନ୍ଦୁ ରାଷ୍ଟ୍ରରେ ପରିଣତ କରାଯିବ।

# ଜରୁରୀ ଅବତରଣ କଲା ବାୟୁସେନାର ଆପାଚି ଆଟକ୍ ହେଲିକପ୍ଟର୍

ଭିଣ୍ଡ: ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲ୍ଲା ଅନ୍ତର୍ଗତ ଗୋଟାଏ ଗ୍ରାମ ନିକଟରେ ଥିବା ବିଲରେ ଭାରତୀୟ ବାୟୁସେନାର ଏକ ଆପାଚି ଆଟାକ୍ ହେଲିକପ୍ଟର୍ ଆଜି ଜରୁରୀ ଅବତରଣ କରିଥିବା କଥା ବାୟୁସେନା ଅଧିକାରୀମାନେ କହିଛନ୍ତି। ଘଟଣାସ୍ଥଳରୁ ଉତ୍ତୋଳନ କରାଯାଇଥିବା ଭିଡିଓରେ ଦେଖାଯାଉଛି ବିଲରେ ହେଲିକପ୍ଟର୍ ଓହ୍ଲାଇ ଥିବା ବେଳେ ଗ୍ରାମବାସୀମାନେ ଚାରିପଟେ ଘେରି ତାହାକୁ ଦେଖୁଛନ୍ତି। ସଂଗୃହୀତ ସୂଚନା ଅନୁସାରେ, ଜଖାନେଲି ଗାଁ ଅନ୍ତର୍ଗତ ବିଲରେ ବାୟୁସେନାର 'ଏଏଚ୍ ୬୪ଇ' ଆପାଚି ହେଲିକପ୍ଟରଟି ଜରୁରୀ ଅବତରଣ କରିଛି। ହେଲିକପ୍ଟରର ପାଇଲଟ୍ ନିରାପଦ ଅଛନ୍ତି। ବୈଷୟିକ ତ୍ରୁଟି କାରଣରୁ ହେଲିକପ୍ଟର୍ ସତର୍କତାମୂଳକ ବା ଜରୁରୀ ଅବତରଣ କରିଥିବା ଭଳି ଜଣାପଡୁଛି। ବାୟୁସେନାର ଜଣେ ଅଧିକାରୀ କହିଛନ୍ତି, ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଦୁର୍ଘଟଣା ଏଡ଼ାଯାଇ ପାରିଲା। ହେଲିକପ୍ଟର୍ରେ ଯାନ୍ତ୍ରିକ ତ୍ରୁଟି ଦେଖି ସେ ଜରୁରୀ ଅବତରଣ ପାଇଁ ନିଷ୍ପତ୍ତି ନେଇଥିଲେ। ଖୁବ୍ ଶୀଘ୍ର ହେଲିକପ୍ଟର୍ଟି ବିଲରୁ ଉଡ଼ାଣ ଆରମ୍ଭ କରିବ। ସୂଚନାଯୋଗ୍ୟ, 'ଏଏଚ୍ ୬୪ଇ' ଆପାଚି ହେଲିକପ୍ଟର ହେଉଛି ବିଶ୍ୱର ସବୁଠୁ ଆଧୁନିକ ବହୁମୁଖୀ ଲଢୁଆ ହେଲିକପ୍ଟର । ଆମେରିକା ଓ ବହୁସଂଖ୍ୟକ ଆନ୍ତର୍ଜାତିକ ପ୍ରତିରକ୍ଷା ବଳ ଏହି ହେଲିକପ୍ଟର୍ ବ୍ୟବହାର କରୁଛନ୍ତି। ଏହାକୁ ବ୍ୟବହାର କରିବାରେ ଭାରତ ହେଉଛି ବିଶ୍ୱର ୧୬ଶ ଦେଶ। ଭାରତୀୟ ବାୟୁସେନାରେ ୨୨ଟି 'ଏଏଚ୍ ୬୪ଇ' ଆପାଚି ଆଟାକ୍ ହେଲିକପ୍ଟର୍ ଅଛି। ଆଉ ୬ଟି 'ଏଏଚ୍ ୬୪ଇ' ଆପାଚି ହେଲିକପ୍ଟର୍ ଖରିଦ କରିବା ପାଇଁ ୨୦୨୦ରେ ଭାରତ ସରକାର ଏହାର ନିର୍ମାତା ବୋଇଙ୍ଗ୍ ସହିତ ରାଜିନାମା ସ୍ୱାକ୍ଷର କରିଛନ୍ତି।

